୬ ୨୦୦ ଟେଷ୍ଟ ୱିକେଟ୍ କ୍ଲବ୍‌ରେ ବୁମ୍‌ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୩୧ ● ୩୦ ଡିସେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-331 ● 30th December 2024, Monday ● Bhubaneswar | Licensed to post without pre-payment of postage No- BN-60/25-27

## ବର୍ଷା ପ୍ରଭାବରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଗଜପତି, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷାରେ ଫସଲ କ୍ଷୟକ୍ଷତି ସମୀକ୍ଷା କରିବାକୁ ଗ୍ରାଉଣ୍ଡ ଜିରୋରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଲକୁ ଓହ୍ଲାଇ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଗ୍ରାଉଣ୍ଡ ଜିରୋରେ ଚାଷୀମାନଙ୍କ ସହ ଜମିକୁ ଯାଇ ସ୍ଥିତି ପରଖିଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଅଦିନିଆ ବର୍ଷାରେ ଜିଲ୍ଲାର ଗୋଷାଣୀ ବ୍ଲକରେ ସର୍ବାଧିକ କ୍ଷୟକ୍ଷତି ହୋଇଥିବା ବେଳେ ସେହି ଅଞ୍ଚଳ ବୁଲି ଚାଷୀଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟରରେ ରଣପୁର ଜେଲଛକ ପଡ଼ିଆରେ ଅବତରଣ କରି ସିଧା ସଳଖ ଚାଷୀମାନଙ୍କ ସହ କଥାବାର୍ତ୍ତା କରି ସ୍ଥିତି ଅନୁଧାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା



ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କ୍ଷୟକ୍ଷତି ଦେଖିଛନ୍ତି।

ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ଚାଷୀଙ୍କ ସମସ୍ୟାର ସମାଧାନ ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାନ ବୀମା କରିଥିଲେ ନିଜ ପଞ୍ଜିକୃତ ନମ୍ବରରୁ ହେଲପ୍‌ଲାଇନ ନମ୍ବର ୧୪୪୪୭ରେ ଜଣାଇବା ପାଇଁ ଚାଷୀ ଭାଇମାନଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ *(ପୃଷ୍ଠା ୭ରେ)*

## ଡିସେମ୍ବର ୩୧ ଓ ଜାନୁଆରୀ ୧ରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶକୁ ଅନୁମତି

**ପୁରୀ, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଦୁଇ ଦିନ ପରେ କ୍ୟାଲେଣ୍ଡର ବର୍ଷ-୨୦୨୪ ବିଦାୟ ନେବ। ନୂଆବର୍ଷ-୨୦୨୫ ଆସିବ। ନୂଆବର୍ଷ ପାଇଁ ଯୁବପିଢି ଉତ୍ସାହିତ ଦେଖାଯାଉଛନ୍ତି । ମନ୍ଦିର, ପର୍ଯ୍ୟଟନ ସ୍ଥଳୀ, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କ ଆଦି ସ୍ଥଳରେ ମଧ ପ୍ରସ୍ତୁତି କରାଯାଇଛି । ପୁରୀ ଶ୍ରୀମନ୍ଦିରରେ ମଧ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଚାଲିଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ୨୦୨୪ ଡିସେମ୍ବର ୩୧ ଓ ୨୦୨୫ ଜାନୁଆରୀ ୧ ଦିନ ସାଧାରଣ ଭକ୍ତମାନଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଭକ୍ତମାନେ ଅନ୍ୟ ୩ଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ । କିନ୍ତୁ ପ୍ରସ୍ଥାନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଇଂରାଜୀ ନୂଆବର୍ଷରେ ଉଭୟ ଶ୍ରୀମନ୍ଦିର ଓ ବେଳାଭୂମିରେ ଲକ୍ଷାଧିକ ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହେବ। ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଭିତର, ବାହାର ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ବି ନଜର ରଖାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ପରିଚାଳନା ପାଇଁ ଜିଲ୍ଲାରେ ୯୦



ଅଧିକାରୀଙ୍କ ସହ ୬୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ପୁଲିସ ଅଧିକାରୀଙ୍କ ସହ ଏହାର ପୂର୍ବପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

ଜିଲ୍ଲା ପୁଲିସ ଓ ହୋଟେଲ ମାଲିକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଯାତ୍ରୀଙ୍କ ସୁରକ୍ଷିତ ରହଣି ଓ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ରିଜର୍ଭ ପୁଲିସ ସମ୍ମିଳନୀ କକ୍ଷରେ ବସ୍ ମାଲିକ, ଅଟୋଚାଳକଙ୍କ ସହ ଜିଲ୍ଲା ପୁଲିସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ବିନୀତ ଅଗ୍ରୱାଲ ଏଥିରେ ଯୋଗଦେଇ ବସ୍ ମାଲିକ ଓ ଅଟୋଚାଳକଙ୍କୁ ଟ୍ରାଫିକ ନିୟମ ମାନିବାକୁ ନିବେଦନ କରିବା ସହ ଇଂରାଜୀ ନୂଆବର୍ଷ ପାଇଁ ଜାରି ଟ୍ରାଫିକ ମାର୍ଗଦର୍ଶିକା ଅନୁସାରେ ଗାଡ଼ି ଚଳାଚଳ କରିବା ଦିଗରେ ଯତ୍ନବାନ ହେବାକୁ କହିଥିଲେ।

ନୋ ପାର୍କିଂ ଅବା ଅନ୍ୟ ଭିଡ଼ ଜାଗାରେ ଅଯଥା ଭିଡ଼ ନ କରିବା ପାଇଁ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଭିଡ଼ ବେଳେ ପୁଲିସକୁ ସହଯୋଗ ପାଇଁ ୧୦୦ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଭିଡ଼ ବେଳେ ସ୍ଥାନୀୟ ଲୋକ ଓ ବାହାର ଲୋକଙ୍କୁ ଚିହ୍ନଟ ସହ ଗହଳି ହଟାଇବା କ୍ଷେତ୍ରରେ ଏମାନେ ସହଯୋଗ କରିବେ। ଏହି ଅବସରରେ ପୁରୀ ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି, ପୁରୀକୁ ଯେଉଁମାନେ ଆସୁଛନ୍ତି, ସେମାନେ ଆମ ଅତିଥି । ଏଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଏହି ଅତିଥିଙ୍କୁ ଆମେ ଏଭଳି ସ୍ୱାଗତ କରିବା, ସେମାନେ ଯେଭଳି ବାହାରେ ଏହାର ପ୍ରଶଂସା କରିବେ।

## ପ୍ରଧାନମନ୍ତ୍ରୀଙ୍କ ମୁହଁରେ କଳାହାଣ୍ଡି ଚାଷୀଙ୍କ ପ୍ରଶଂସା



**ଭବାନୀପାଟଣା, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କି ବାତ୍‌ରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଜଣେ ପରିବା ଚାଷୀଙ୍କ ପ୍ରଶଂସା କରିଛନ୍ତି। ଏହାକୁ ନେଇ ଗୋଲାମୁଣ୍ଡା ବ୍ଲକ ସାନ ଚେରଗାଁର ଚାଷୀ କୃଷ୍ଣଚନ୍ଦ୍ର ନାଗ ଚର୍ଚ୍ଚାରେ। ୨୦୦୮ ମସିହାରେ ପ୍ରାୟ ୨୦ରୁ ୨୫ ଡେସିମିଲ ଜାଗାରେ ସେ ଟମାଟୋ ଚାଷ କରି ପ୍ରାୟ ୭୦ କ୍ୱିଣ୍ଟାଲ ଟମାଟୋ ଉତ୍ପାଦନ କରିଥିଲେ। ପରେ ପ୍ରାୟ ୪ ଏକର ଜମିକୁ ପରିବା ଚାଷ ଉପଯୋଗୀ କରି ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷ କଲେ ଏବଂ ପ୍ରାୟ ୧୬ ହଜାର କ୍ୱିଣ୍ଟାଲ ଟମାଟୋ ଉତ୍ପାଦନ କରି ଚଳିତ ବର୍ଷ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି। ଜୈବିକ ପଦ୍ଧତିରେ ଚାଷ କରୁଥିବାରୁ ତାଙ୍କ ଦ୍ୱାରା ଉତ୍ପାଦିତ ଟମାଟୋର କଳାହାଣ୍ଡି ସମେତ ବଲାଙ୍ଗିର, ନୂଆପଡ଼ା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ରାଜ୍ୟରେ ଗଠନ ହେବ ଅଧିକ ନୂଆ ବ୍ଲକ୍: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଧିକ ସଂଖ୍ୟକ ନୂଆ ବ୍ଲକ ଗଠନ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଏଥିପାଇଁ ଆବଶ୍ୟକ ପଡ଼ିଲେ ସରକାର ଏକ କମିଶନ ଗଠନ କରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ରବିବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ପ୍ରଶାସନକୁ ଲୋକଙ୍କ ଅଧିକ ନିକଟତର କରାଇବା ଉଦ୍ଦେଶ୍ୟରେ ବର୍ତ୍ତମାନର ବ୍ଲକଗୁଡ଼ିକର ପୁନର୍ଗଠନ କରି ନୂଆ ବ୍ଲକ ଗଠନ ପାଇଁ ସରକାର ଚିନ୍ତା କରୁଛନ୍ତି। ରାଜ୍ୟରେ ଶେଷଥର ପାଇଁ ୧୯୮୪



ମସିହାରେ ବ୍ଲକ ପୁନର୍ଗଠନ ହୋଇଥିଲା। ଏବେ ଲୋକସଂଖ୍ୟା ବୃଦ୍ଧି ଓ ପ୍ରଶାସନକୁ ନିକଟତର କରାଇବା ପାଇଁ ଅଧିକ ବ୍ଲକର ଆବଶ୍ୟକତା ରହିଛି। ଏବେ ରାଜ୍ୟରେ ୩୧୪ଟି ବ୍ଲକ ଅଛି। ଶେଷଥର ପାଇଁ ୧୯୮୪ ମସିହାରେ *(ପୃଷ୍ଠା ୭ରେ)*

## ୱେଭ୍‌ସରେ ଭାଗ ନେବାକୁ ସମଗ୍ର ମନୋରଞ୍ଜନ ଓ ସୃଜନାତ୍ମକ ଶିଳ୍ପକୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୯।୧୨**

ଆସନ୍ତା ବର୍ଷ ଆମ ଦେଶରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଅଡିଓ ଭିଜୁଆଲ ଏଣ୍ଟରଟେନମେଣ୍ଟ ସମିଟ ବା ୱେଭ୍‌ସ ଆୟୋଜିତ ହେବାକୁ ଯାଉଛି। ଏହାଦ୍ୱାରା ଭାରତର ସୃଜନାତ୍ମକ ପ୍ରତିଭା ବା କ୍ରିଏଟିଭ ଟାଲେଣ୍ଟକୁ ବିଶ୍ୱ ଆଗରେ ଉପସ୍ଥାପନ କରିବାର ଗୋଟିଏ ବଡ଼ ସୁଯୋଗ ମିଳିବ। ରବିବାର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଏନେଇ ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିସହ ଏହି ସମ୍ମିଳନୀରେ ଭାଗ ନେବାକୁ ଭାରତର ସମଗ୍ର ମନୋରଞ୍ଜନ ଏବଂ ସୃଜନାତ୍ମକ ଶିଳ୍ପକୁ ସେ ଅନୁରୋଧ କରିଛନ୍ତି।

ସେ କହିଛନ୍ତି ଭାରତର ସୃଜନାତ୍ମକ




ପ୍ରତିଭା ବା କ୍ରିଏଟିଭ ଟାଲେଣ୍ଟ ବିଶ୍ୱ ଆଗରେ ଉପସ୍ଥାପିତ କରିବାର ଗୋଟିଏ ବଡ଼ ସୁଯୋଗ ଆସୁଛି । ଆସନ୍ତା ବର୍ଷ ଆମ ଦେଶରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଅଡିଓ ଭିଜୁଆଲ ଏଣ୍ଟରଟେନମେଣ୍ଟ ସମିଟ ବା ୱେଭ୍‌ସ ଆୟୋଜିତ ହେବାକୁ *(ପୃଷ୍ଠା ୭ରେ)*

## ଗୁପ୍ତେଶ୍ୱର ଯାଉଥିବା ବେଳେ ଓଲଟିଲା ବସ୍: ୪ ମୃତ, ୨୮ ଆହତ

**କୋରାପୁଟ, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଡକରି ଘାଟିର ସୁକୁ ନାଳ ନିକଟରେ ଏକ ବସ୍ ଓଲଟି ପଡିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଛୋଟ ଛୁଆ ମଧ୍ୟ ଅଛନ୍ତି।

କଟକ, ନିଆଳି, ନିମାପଡ଼ା ଓ ଭୁବନେଶ୍ୱରରୁ କିଛି ପରିବାର ଗତ ଶୁକ୍ରବାର ଏକ ବସ ଭଡା କରି ରାଜ୍ୟର ବିଭିନ୍ନ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ। ବସ୍‌ରେ ୪୦ରୁ ଅଧିକ ଯାତ୍ରୀ ଥିଲେ। ସେମାନେ ଶନିବାର



କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିବା ପରେ କୋରାପୁଟର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିଲେ । ରବିବାର ସକାଳେ ସେମାନେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିଥାନ୍ତେ। ତେବେ ଭୋରରେ ବସ୍‌ଟି ଡକରି ଘାଟି ପାର ହେଉଥିବା ବେଳେ *(ପୃଷ୍ଠା ୭ରେ)*

## ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହେଲା ବିମାନ : ୧୭୯ ଯାତ୍ରୀ ଜୀଅନ୍ତା ଜଳିଗଲେ

**ମୁଆନ, ୨୯।୧୨**

ପୁଣି ଆଉ ଏକ ବିମାନ ଦୁର୍ଘଟଣା। ଦକ୍ଷିଣ କୋରିଆରେ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାର ଶିକାର ହୋଇଛି । ଏଥିରେ ୧୭୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୁଆନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ବେଳେ ଜେଜୁ ଏୟାରଲାଇନ୍ସର ଏକ ବିମାନ ରନୱେରୁ ଖସି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ଏହି ବିମାନରେ ୧୭୫ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୧୮୧ ଜଣ ଥିଲେ। ବିମାନଟି ବ୍ୟାଙ୍କକରୁ ଫେରୁଥିଲା। ତେବେ ମୁଆନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଲ୍ୟାଣ୍ଡିଂ ବେଳେ ରନୱେରୁ ଏହା ଖସି ଯାଇ ବିମାନ ବନ୍ଦରର କାନ୍ଥ ସହ ଧକ୍କା



ହୋଇଥିଲା। ଏହାପରେ ଏଥିରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଫଳରେ ଏଥିରେ ୧୭୯ ଯାତ୍ରୀ ଜୀଅନ୍ତା ଜଳି ଯାଇଛନ୍ତି । କେବଳ ଦୁଇ ଜଣଙ୍କୁ ହିଁ ଜୀବନ୍ତ ଉଦ୍ଧାର କରାଯାଇଛି । ସେମାନଙ୍କ ଅବସ୍ଥା ଗୁରୁତର ରହିଛି । *(ପୃଷ୍ଠା ୭ରେ)*

## ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ : ୨ ମୃତ

**ରାଉରକେଲା, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ୧୪୩ ନମ୍ବର ଜାତୀୟ ରାଜପଥରେ ଘଟିଛି । ଡିଭାଇଡରରେ ପିଟି ହୋଇ ହାଇୱାକୁ ଧକ୍କାଦେଲା ସ୍କର୍ପିଓ। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ମେଡ଼ିକାଲ ବେଡ୍‌ରେ ଜୀବନ ସହିତ ସଂଘର୍ଷ କରୁଛନ୍ତି।

ରାଉରକେଲାରେ ଏକ ଠିକା ସଂସ୍ଥାରେ କାମ କରନ୍ତି ବିପିନ ସେଠୀ, ପବିତ୍ର ସାହୁ, ଶେଖ ରାମଜାନ ଓ ଆଦିତ୍ୟ ସାହୁ। ରବିବାର ଥିବାରୁ ଅପରାହ୍ନରେ ୪ ଜଣ ସାଙ୍ଗ ମିଶି ଏକ ସ୍କର୍ପିଓରେ ଖଣ୍ଡାଧାର *(ପୃଷ୍ଠା ୭ରେ)*

## ଏକାଳ ସକାଳ



କ୍ଷେତ ବୁଲି ଦେଖିଲେ ମୁଖିଆ
ହାତ ଦେଲେ ପଚା ଧାନେ
ଦେଖିଶୁଣି ଏଇ କଥା ସବୁ
ଚାଷୀ ଭାବୁଥାଇ ମନେ
ନିଶ୍ଚୟ ସ୍ଥିତି ସୁଧୁରିବ ଏବେ
ଦୁର୍ଭାଗ୍ୟ ପାଇବ ପାନେ ।

## ନୂଆବର୍ଷର ରାଷ୍ଟ୍ରଫଳ-୨୦୨୫



ଉପସ୍ଥାପନା - ପଣ୍ଡିତ ଚନ୍ଦ୍ରଶେଖର ନନ୍ଦ (ପାଞ୍ଜିଗଣକ)

ବୃହସ୍ପତି ବର୍ଷାରମ୍ଭରୁ ବୃଷ ରାଶିରେ ଥାଇ ମଇ ୧୪ ତାରିଖରେ ମିଥୁନକୁ ଗମନ କରିବେ । ଅକ୍ଟୋବର ୧୮ରେ କର୍କଟକୁ ଗମନ କରିବେ ପୁନଶ୍ଚ ଡିସେମ୍ବର ଆରମ୍ଭରେ ମିଥୁନ ରାଶିକୁ ଅତିଚାର କରିବେ । ଶନି ସାରା ବର୍ଷ ମୀନ ରାଶିରେ ରହିବେ । ରାହୁ ଓ କେତୁ ଜାନୁଆରୀରୁ ମଇ ୧୭ ଯାଏ, ମୀନ ରାଶିରେ ଓ କନ୍ୟା ରାଶିରେ ରହି ତା ପରଠାରୁ ଯଥାକ୍ରମେ ସିଂହ ଓ କୁମ୍ଭ ରାଶିରେ ରହିବେ । ନୂଆବର୍ଷ ଦିନ ରବି ଧନୁରେ ରହିବା ସହିତ ମକର ରାଶିରେ ଚନ୍ଦ୍ର ରହିବେ ।

ଗ୍ରହସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ- ୨୦୨୫ ମସିହାରେ ବିଶ୍ୱର ପଶ୍ଚିମ ଭାଗରେ ଯୁଦ୍ଧ ପରିସ୍ଥିତି ଲାଗି ରହିବ । ଯବନ ଶାସିତ ଦେଶମାନଙ୍କରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ହତ୍ୟାକାଣ୍ଡ ସଂଘଟିତ ହେବ । ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ସାମରିକ ପରୀକ୍ଷଣ ପ୍ରତିଯୋଗିତା ମୂଳକ ହେବ । ଆନ୍ତରାଷ୍ଟ୍ରିୟ ବ୍ୟବସାୟରେ ପ୍ରଗତି ଆସିବ । ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ରମାନଙ୍କରେ ଅଗ୍ନିଭୟ ଲାଗି ରହିବ । କେତେକ ଦେଶରେ ମହାମାରୀ ହେବାର ଆଶଙ୍କା, ବନ୍ୟାରେ ଧନଜୀବନ ହାନି । ରାହୁ ଓ ଗୁରୁଙ୍କ ନବ ପଞ୍ଚକ ଯୋଗ ତଥା ଶନି ମଙ୍ଗଳ ଘନୀଷ୍ଟକ ଯୋଗରେ ମାର୍ଚ୍ଚ ମାସ ପରେ ୟୁରୋପୀୟ ଦେଶମାନଙ୍କରେ ଜଟିଳ ସମସ୍ୟା ଉପୁଜିବ । ପାକିସ୍ତାନ ଗଢିଥିବା ଆତଙ୍କବାଦୀମାନେ ତାରି ଦେଶରେ ଭସ୍ମାସୁର ସାଜିବେ । ରାଜନୈତିକ ହତ୍ୟାକାଣ୍ଡ ସଂଘଟିତ ହେବା ସଙ୍ଗେ ସଙ୍ଗେ ସେନା ଶାସନର ସମ୍ଭାବନା, ଆମେରିକା, କାନାଡା, ବ୍ରିଟେନ, ସ୍ପେନ୍, ଇଟାଲି ଆଦି ଦେଶମାନଙ୍କରେ ଆର୍ଥିକ କ୍ଷତି । ମୁଦ୍ରାର ଅବମୂଲ୍ୟାୟନ ହେବ । ବର୍ମା, ଭୁଟାନ୍, ଚୀନ୍, ଜାପାନ ଆଦି ରାଷ୍ଟ୍ରମାନଙ୍କରେ ଆର୍ଥିକ କ୍ଷତିର ସୂଚନା ମିଳେ । ଅଳ୍ପଦିନ ପାଇଁ ହେଲେ ମଧ୍ୟ ଚତୁର୍ଗ୍ରହକୁଟ ଯୋଗରେ ଚୀନ୍, ଜାପାନ, ଭିଏତ୍‌ନାମ, ଋଷ, ତିବ୍ବତ ଆଦିରାଷ୍ଟ୍ରମାନଙ୍କରେ ପ୍ରାକୃତିକ ଆପଦାରେ ଧନଜୀବନ ହାନିର ସୂଚନା । ଆରବ, ଇରାକ୍, ଇରାନ୍, ସିରିଆ, ପାକିସ୍ତାନ ଇତ୍ୟାଦି ରାଷ୍ଟ୍ରରେ ଶାସକୀୟ *(ପୃଷ୍ଠା ୭ରେ)*

## ବଢ଼ିବ ଶୀତ: ୨ ରୁ ୪ ଡିଗ୍ରୀ ହ୍ରାସ ପାଇବ ରାତି ତାପମାତ୍ରା

**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ବର୍ଷା ଯିବା ପରେ ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟରେ ଶୀତ ବୃଦ୍ଧି ପାଇଛି । ଏଥିସହିତ ନୂଆବର୍ଷରେ ଜାନୁଆରୀ ୧ ରୁ ଜାନୁଆରୀ ୪, ୨୦୨୫ ପର୍ଯ୍ୟନ୍ତ ପଶ୍ଚିମ ହିମାଳୟ ଅଞ୍ଚଳରେ କିଛି ସ୍ଥାନରେ ବର୍ଷା / ତୁଷାରପାତ ହେବାର ସମ୍ଭାବନା ଅଧିକ ରହିଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବରଗଡ,ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି।

ତେବେ ରାଜ୍ୟରେ ଏବେ ଶୁଖିଲା ପାଗ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାତ୍ରିକାଳୀନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ଥିବା ବେଳେ ଆସନ୍ତା ୪ ଦିନ ଏଭଳି ପାଗ ଜାରି ରହିବ। ଏଥିସହିତ ଆସନ୍ତା ଦୁଇଦିନ ଯାଏ ବରଗଡ଼, ବଲାଙ୍ଗୀର, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଏବଂ ସମ୍ବଲପୁର ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି।





# ସୁନ୍ଦର ଓ ସମୃଦ୍ଧ ସମ୍ବଲପୁର ଗଠନ ଆମର ଲକ୍ଷ୍ୟ : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ତଥା ସୁଶାସନ ଦିବସ ଏବଂ ପବିତ୍ର ବଡ଼ଦିନରେ ସମ୍ବଲପୁର ଜିଲ୍ଲାର ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବା ଟିବି ପୀଡ଼ିତ ଭାଇ ଭଉଣୀମାନଙ୍କୁ ମାସିକ ପୁଷ୍ଟି କିଟ୍ ପ୍ରଦାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସମବେତ ଜନସାଧାରଣଙ୍କୁ ଟିବି ମୁକ୍ତ ପାଇଁ ଶପଥ ପାଠ କରାଇବା ସହ ୨୦୨୫ ଡିସେମ୍ବର ସୁଦ୍ଧା ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଛନ୍ତି। ଟିବି ମୁକ୍ତ ଭାରତ ଅଭିଯାନ ଅଧୀନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି



ଯେ ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ ନୁହେଁ। ପରିବେଶ ପ୍ରଦୂଷଣ, ଦାରିଦ୍ର୍ୟ ଓ ସଚେତନତା ଅଭାବରୁ ଲୋକମାନେ ଏହି ରୋଗର ଶିକାର ହୋଇଥାନ୍ତି। ସମ୍ବଲପୁର ଜିଲ୍ଲାରେ ସରକାରୀ ପଞ୍ଜିକୃତ ହୋଇଥିବା ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଅଛି ୧୪୩୫। ତନ୍ମଧ୍ୟରୁ ୧୧୮୫ ଜଣ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା କରାଯାଉଛି। ଅଧିକ ୨୫୦ ଜଣ ରୋଗୀ ଏହି ସଂଖ୍ୟାରେ ଯୋଡ଼ି ହୋଇଛନ୍ତି। ତେବେ ପୁଷ୍ଟିକର ଖାଦ୍ୟ, ଆଧୁନିକ ଚିକିତ୍ସା ଏବଂ ଜନ ଭାଗିଦାରୀ ବଳରେ ଟିବିର ସମ୍ପୂର୍ଣ୍ଣ ବିଲୋପ କରାଯାଇପାରିବ ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଧରି ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡ଼ିବ। ସମ୍ବଲପୁର ସମେତ ସମଗ୍ର ଓଡ଼ିଶାକୁ ଟିବି ମୁକ୍ତ କରାଇବା ପାଇଁ ପଡ଼ିବ। ପ୍ରଦୂଷଣକୁ ହ୍ରାସ କରିବା ପାଇଁ ସୁବଜ ପରିବେଶ ସୃଷ୍ଟି କରିବାକୁ ହେବ ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ସମେତ ଓଡ଼ିଶାରେ ନିକ୍ଷୟ ମିତ୍ର ଏବଂ କମ୍ ସମୟରେ ପ୍ରଭାବୀ ଉପଚାର ଭଳି ପଦକ୍ଷେପ ଯୋଗୁ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ଜନପ୍ରତିନିଧି ଓ କର୍ପୋରେଟ ସଂସ୍ଥାମାନେ ଦାୟିତ୍ୱ ନେଉଛନ୍ତି। ଏହି ଟିବି ମୁକ୍ତ ଅଭିଯାନରେ ପୀଡ଼ିତ ଓ ସେମାନଙ୍କ ପରିବାରର ସେବା ପାଇଁ ସମାଜର ପ୍ରବୃଦ୍ଧ ବ୍ୟକ୍ତି, ଯୁବ ସଂଗଠନ, ସାମାଜିକ ସଂଗଠନ ଓ ନାଗରିକ ମାନେ ବି ବ୍ୟକ୍ତିଗତ ଭାବରେ ସାମିଲ ହୁଅନ୍ତୁ। ଯକ୍ଷ୍ମା ରୋଗୀଙ୍କ ସହ ସେମାନଙ୍କ ପରିବାରକୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତାର ଦାୟିତ୍ୱ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ଏଥିପାଇଁ ପାରଦର୍ଶୀ ଭାବରେ ପୋର୍ଟାଲର ବ୍ୟବସ୍ଥା ସହ ବିଭିନ୍ନ ଯୋଜନା କରନ୍ତୁ। ଅନ୍ୟର ସେବା କରିବାର ମନୋଭାବ ରହିଲେ ହିଁ ଆମର ସମାଜକୁ ସୁସ୍ଥ କରିବାର ମୂଳ ଲକ୍ଷ୍ୟ ସାଧିତ ହୋଇପାରିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସମ୍ବଲପୁର ଏବଂ ଓଡ଼ିଶା ସମେତ ଭାରତକୁ ସଂପୂର୍ଣ୍ଣ ଭାବରେ ଟିବି ମୁକ୍ତ କରିବା ପାଇଁ ଟିବି ମୁକ୍ତ ଭାରତ ଅଭିଯାନରେ ସାମିଲ ହେବା ଏବଂ ଯକ୍ଷ୍ମା ରୋଗ ଦୂର କରିବା ପାଇଁ ଆମର ଯୋଗଦାନ ଦେବା। ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ପାଖରେ ପୀଡ଼ିତଙ୍କ ଆଶୁ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ ସହ ପାରିବାରିକ ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି।

# ବଲାଙ୍ଗିରରେ ସୁଶାସନ ଦିବସ ପାଳିତ



**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଭାଲେର ଛକ ସ୍ଥିତ ପ୍ରଭୁ ଆଶ୍ରମ ଠାରେ ସ୍ମାଇଲ ଫର ଅଲ ଅନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଶାସନ ଶୀର୍ଷକ ଆଲୋଚନା ଚକ୍ରରେ ଅତିଥି ବୃନ୍ଦ ସୁଶାସନ ହେବା ଦ୍ୱାରା ଜନସାଧାରଣ ଙ୍କ ନିକଟେ କିଭଳି ଉତ୍ତର ଦାୟିତ୍ୱ ରହିଛି ଦରକାରଙ୍କ ଓ ବାଜପେୟୀଙ୍କ ସ୍ମୃତି ଚାରଣ, ତାଙ୍କ ରଚିତ କବିତା ପଠନ ଏବଂ ତାଙ୍କ ସମୟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସବୁ ସ୍ମୃତି ଚାରଣ କରିଥିଲେ ଉପସ୍ଥିତ ବୁଦ୍ଧିଜୀବୀ। ସ୍ମାଇଲ ଫର ଅଲ ଫାଉଣ୍ଡେସନ ଏବଂ ନେହେରୁ ଯୁବ କେନ୍ଦ୍ର ସହାୟତାରେ ଆୟୋଜିତ ସଭାକୁ ସଂପାଦକ ସଂଜିବ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଆରଏସ୍ଏସ୍ ପ୍ରବକ୍ତା, ମୁଖ୍ୟବକ୍ତା ଜୟକୃଷ୍ଣ ମିଶ୍ର କଳା ସଂଗଠକ ତଥା ସଭାପତି ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ, ମିଲୁଲତା ପଟ୍ଟନାୟକ ସମାଜସେବୀ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ କରିବାରେ ସହଯୋଗ କରିଥିଲେ ପ୍ରଭୁଦତ୍ତ ସେଠୀ, ଅଭିଷେକ ବହିଦାର, ଆକାଶ ମାହାନା, ସାହିଲ ବାଗ, ସୌଦାମିନୀ ମିଶ୍ର, ଚକ୍ରପାଣି ଦାଶ, ଶୁକଦେବ ମନହିରା, ଉପଦେଷ୍ଟା ସାମସନ ମିସାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀଖଳା ଅଣ କୃଷି କାର୍ଯ୍ୟରେ ବ୍ୟବହାର : ଚାଷୀ ହନ୍ତସନ୍ତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

କୃଷି ବିଭାଗ, ପଞ୍ଚାୟତ ଓ ନିମନ୍ତ୍ରିତ ବଜାର କମିଟି ତରଫରୁ ବିଭିନ୍ନ ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୋଷ୍ଠୀଖଳା ନିର୍ମାଣ କରାଯାଇଛି। ମାତ୍ର ବିଡ଼ମ୍ବନାର ବିଷୟ ହେଲା ଉକ୍ତ ଖଳାରେ ଧାନ ଅମଳ ପରିବର୍ତ୍ତେ ଲୋକେ ଅନ୍ୟାନ୍ୟ ଅଣ କୃଷି ସାମଗ୍ରୀ ରଖି ଅବରୋଧ କରୁଥିବା ଅଭିଯୋଗ ହେଉଛି। ସରକାରୀ ଜମିରେ ଆରଏମସି, କୃଷି ବିଭାଗ ଓ ଗ୍ରାମପଞ୍ଚାୟତ ସରକାରୀ ଅର୍ଥ ବ୍ୟୟ କରି ନିର୍ମାଣ କରିବା ପରେ ସେସବୁ କେମିତି ବ୍ୟବହାର ହେଉଛି ତାହା ଆଉ ଦେଖୁନାହିଁ। ଫଳରେ ଖଳାରେ କିଏ ବାଲି ପଥର, ମେଟାଲ, କାଠ ରଖୁଛି ତ କିଏ ଗୋବର ଶୁଖାଇ ଜବରଦଖଲ କରି ରଖୁଛି। ଅପର ପକ୍ଷରେ ଚାଷୀ ରାସ୍ତା ଉପରେ କିମ୍ବା ଲୋକଙ୍କ ଯାତାୟାତ ସ୍ଥାନରେ ଧାନ ବିପଜ୍ଜନକ ଅବସ୍ଥାରେ ଧାନ ରଖିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଏକ ଦୃଶ୍ୟ ବୌଦ୍ଧବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ମର୍ଯ୍ୟାଦାପୁର, ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି, ତେଲିବନ୍ଧ ପଞ୍ଚାୟତର ଗୌତମପାଲି ଓ ପଦ୍ମନପୁରରେ ଗୋଷ୍ଠୀଖଳାରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଉକ୍ତ ଗ୍ରାମର ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ସାମଗ୍ରୀ ରଖାଯାଇଥିବା ଯୋଗୁଁ ଧାନ ଅମଳ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦେଖାକୁ ମିଳୁଛି। କୃଷି ବିଭାଗର ଏ ଗୋଷ୍ଠୀ ଖଳା ଉପରେ ଅଣ କୃଷି ସାମଗ୍ରୀ ରଖାଯାଇଥିବା ଯୋଗୁଁ ଧାନ ଅମଳ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। କୃଷି ବିଭାଗ ଏସମ୍ପର୍କରେ ପଦକ୍ଷେପ ନେଇ ଲୋକଙ୍କ ଦ୍ୱାରା ବ୍ୟକ୍ତିଗତ ବ୍ୟବହାର କରାଯାଉଥିବା ଗୋଷ୍ଠୀ ଖଳାଗୁଡ଼ିକୁ ଜବରଦଖଲ ମୁକ୍ତ କରି ଅମଳ କାର୍ଯ୍ୟରେ ଲୋକଙ୍କ ବ୍ୟବହାର କରିବାକୁ ସୁଯୋଗ ସୃଷ୍ଟି କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ଅଟଳ ଜୀଙ୍କ ଜୀବନୀ ସମ୍ବଳିତ ଖବରକାଗଜ ପ୍ରଦର୍ଶନୀ ଓ କବିତା ପାଠୋତ୍ସବ

**କେନ୍ଦୁଝର, ନ୍ୟୁଜ୍**

ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ କେନ୍ଦୁଝର ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ, କେନ୍ଦୁଝର ଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ଜିଲ୍ଲାପରିଷ କେନ୍ଦୁଝରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ତଥା ପ୍ରାଧ୍ୟାପକ ସୁଧା ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ତାରିଣୀ ଓ ପ୍ରଭୁ ବଳଦେବ ଜୀଉଙ୍କ ସମେତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଶ୍ରୀ ସିଂହ, ସୁଶାସନ ଦିବସର ମହତ୍ୱ ବଖାଣିବା ସହିତ, ଶାସନ ଓ ସୁଶାସନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଲୋକଙ୍କ ପାଇଁ କାମ କରିବାକୁ ପ୍ରଶାସନ ସର୍ବଦା ତତ୍ପର ଥିବା କହିବା ସହ ଜିଲ୍ଲାରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି ଏବଂ ଏହାର ପ୍ରତିଫଳନ ଜନସାଧାରଣଙ୍କ ନିକଟରେ ପହଁଚୁଛି ବୋଲି ଜିଲ୍ଲାପାଳ କହିଥିଲେ। ଆହୁରିମଧ୍ୟ ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଟଳଜୀଙ୍କ ବାବଦରେ ପ୍ରକାଶିତ ବିଭିନ୍ନ ଖବର କାଗଜର ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଥିଲା। ଏଥିରେ ବିଶିଷ୍ଟ ସଂଗ୍ରାହକ ଶ୍ରୀ ସୁଜିତ ପଟ୍ଟନାୟକ ସହଯୋଗ କରିଥିଲେ। କବି ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତଯୋଗୀଙ୍କୁ ସମ୍ମାନିତ କରାଯାଇ ଥିଲା। ପରିଶେଷରେ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ପରିଚାଳନା କରିଥିଲେ ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ମନ୍ଦିର ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ଗ୍ରାମରେ ୨୦୨୧ ମସିହାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତତ୍କାଳୀନ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ତେବେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ତେଲିବନ୍ଧ ଛକ ନିକଟରେ ମନ୍ଦିର ପାଇଁ ଏକ ସ୍ୱାଗତ ତୋରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୬ ନଂ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ସରପଞ୍ଚ ନଳିନୀ ପଲିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଜସ୍ମିନ ପ୍ରଧାନ, ନାଏବ ସରପଞ୍ଚ ଅମୃତି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଶୁଭ ଦେବାର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଅନ୍ୟପକ୍ଷରେ କାର୍ଯ୍ୟ ଆରମ୍ଭ ହୋଇ ନଥିବାରୁ ଫଳକକୁ କାଢି ଦିଆଯାଇଛି। ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡ଼େ ଯେ ଏହାର ଅନୁଦାନ ମଞ୍ଜୁର ହୋଇ ନ ଥିବାରୁ କାମ ଆରମ୍ଭ ହୋଇ ନାହିଁ।

# କାବ୍ୟାଞ୍ଜଳି ପକ୍ଷରୁ ଡକ୍ଟର ଧୀରେନ ମହାନ୍ତି ସମ୍ବର୍ଦ୍ଧିତ

**କେନ୍ଦୁଝର, ନ୍ୟୁଜ୍**



ସୁଶାସନ ଦିବସରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟପାଳ ଦରବାର ହଲ୍‌ରେ ନରଣପୁରର ବିଶିଷ୍ଟ ପାଲା ଗାୟକ, ଗବେଷକ ତଥା ସାହିତ୍ୟିକ ଡକ୍ଟର ଧୀରେନ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ଜିଲ୍ଲାପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିର ବିଦ୍ୱାନ ପରମ୍ପରାକୁ ବିକଶିତ କରିବା ସହିତ ଜୀବନକୁ ଅମ୍ଳାନ ସାହିତ୍ୟ ସେବାରେ ଉତ୍ସର୍ଗୀକୃତ କରି ଭାଷା, ସାହିତ୍ୟ ଓ ସଂସ୍କୃତି ରକ୍ଷକ ଏବଂ ସାରସ୍ୱତ ସାଧକ ଭାବେ ସାହିତ୍ୟ ସାଧନା ଜ୍ଞାନକୁ ଜନମାନସରେ ବିତରଣ କରି ଡକ୍ଟର ଧୀରେନ ମହାନ୍ତି ଜଣେ ସୁସାହିତ୍ୟିକ ତଥା ବିଦ୍ୱାନ ବ୍ୟକ୍ତିତ୍ୱର ସୁଯୋଗ୍ୟ ଅଧିକାରୀ ହୋଇପାରିଛନ୍ତି। ତାଙ୍କର ନିରଳସ ସାଧନା ସମଗ୍ର ସାହିତ୍ୟ ଜଗତକୁ ଦିଗ୍‌ଦର୍ଶନ ଦେଇ ସାରା ଜିଲ୍ଲାକୁ ଗୌରବାନ୍ୱିତ କରି ପାରିଛି। ଡକ୍ଟର ମହାନ୍ତିଙ୍କ ମହତ୍ୱାକାଂକ୍ଷୀ ଲେଖନୀର ସ୍ପର୍ଶରେ କଳା, ସଂସ୍କୃତି, ସଙ୍ଗୀତ, ଶିକ୍ଷା, କ୍ରୀଡ଼ା, ସଂସ୍କାରଧର୍ମୀ ଆନ୍ଦୋଳନ ଓ ବିଶିଷ୍ଟ ସମାଜସେବାର ଉତ୍ତମ ପରାକାଷ୍ଠା ସ୍ୱରୂପ ଏକ ସୁସ୍ଥ ସମାଜ, ସୁସ୍ଥ ପରିବେଶ, ସୁସ୍ଥ ବାତାବରଣ ଓ ଏକ ସୁସ୍ଥ ପାରମ୍ପରିକ ତଥା ମାନବ ସଭ୍ୟତାକୁ ଦିଗଦର୍ଶନ ଦେବାରେ ସଫଳ ହୋଇ ପାରିଛି। ଡକ୍ଟର ମହାନ୍ତି ମହାନ ପ୍ରତିଭାଧାରୀ ବ୍ୟକ୍ତି ହିସାବରେ ଦେଶ, ଜାତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଅହରହ ମାତୃଭାଷା ଓ ମାତୃଭୂମିର ଅଗ୍ରଗତି ନିମନ୍ତେ କାର୍ଯ୍ୟ କରି ଅନେକ ପୁରସ୍କାର ଓ ଉପାଧି ପ୍ରାପ୍ତ କରିବା ସହିତ ଜିଲାରେ ପାଲା ଗାୟକଙ୍କ ଭିତରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ସେ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବା ସହ ଜଣେ ସଫଳ ସୁସାହିତ୍ୟିକ ଭାବେ ଲୋକଙ୍କ ଭିତରେ ଆଦୃତ ହୋଇ ପାରିଛନ୍ତି। ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ମହାନ୍ତିଙ୍କ ସମ୍ବର୍ଦ୍ଧନାରେ ପାଲା ଗାୟକ ମହଲରେ ପ୍ରଶଂସାର ସୁଅ ଛୁଟୁଛି।

# ସିନ୍ଧବାରଙ୍ଗ ଡିଗ୍ରୀ କଲେଜରେ ଆଲୋଚନା ଚକ୍ର




**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ ପୁନଙ୍ଗ ସ୍ଥିତ ସିନ୍ଧବାରଙ୍ଗ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛ। ଆଲୋଚନା ଚକ୍ର ବିଷୟ ବସ୍ତୁ 'ସାମାଜିକ ଗଣମାଧ୍ୟମ ଓ ସାମ୍ପ୍ରତିକ ସମାଜ'। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ଅଧକ୍ଷା କ୍ରିଷ୍ଣା ମଞ୍ଜରୀ ଦେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦିକବି ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ. ରୁଦ୍ର ନାରାୟଣ ମିଶ୍ର ଯୋଗଦାନ କରି ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ଓ ସାମ୍ପ୍ରତିକ ସମାଜ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବରିଷ୍ଠ ରାଜନୀତି ବିଜ୍ଞାନ ବିଭାଗ ଅଧାପକ ପ୍ରତାପ କୁମାର ଲେଙ୍କା ଯୋଗଦେଇ ସାମ୍ପ୍ରତିକ ସମାଜ ଉପରେ ସାମାଜିକ ଗଣମାଧ୍ୟମର ଭୂମିକା ଓ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନର ଅଧାପକ ଅମୀୟ ରଞ୍ଜନ ଦାସ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧାପକ ଭିକାରୀ ଚାରଣ ବେହେରା, ଇଂରାଜୀ ଅଧାପକ ଦେବଦତ୍ତ ବେହେରା ପ୍ରମୁଖ ତାଙ୍କର ବକ୍ତବ୍ୟ ରଖିଥିଲେ। ପିଲାମାନଙ୍କ ମଧ୍ୟରେ ଅର୍ଘ୍ୟ ରୂପା ସ୍ୱାଇଁ, ପ୍ରକାଶ କୁମାର ଗୁରୁ, ସୁସ୍ମିତା ମିଶ୍ର, ପ୍ରୀତି ମହାନ୍ତି, ସେଫାଳି ବୈଶାଖ, ନିରୁପମା ବେହେରା, ସୋନାଲି ମଲ୍ଲିକ, ସ୍ୱାଗତିକା ବେହେରା, ଇତିଶ୍ରୀ ସାହୁ, ସନ୍ଦୀପ ସ୍ୱାଇଁ, ଦୂର୍ଗା ଦାସ, ଗୀତାଞ୍ଜଳି ଦାସ, ପ୍ରଶାନ୍ତ କାଣ୍ଡି, ପ୍ରିତମ ବେହେରା, ଇସା ନାୟକ, ସ୍ମିତାଞ୍ଜଳୀ ବେହେରା, ଶୁଭଲକ୍ଷ୍ମୀ ଦାସ, ସୌମ୍ୟଶ୍ରୀ ରାଉତରାୟ, ନିରୁପମା ଭୋଇ, ଶୁଭଲକ୍ଷ୍ମୀ ଦାସ (୨), ଚନ୍ଦନ ପ୍ରଧାନ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ।

# ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ

**ବୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପିପୁଲ୍ସ କଲେଜର ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସପ୍ତଦିବସୀୟ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଯାଇଛି। ଉକ୍ତ ଶିବିରକୁ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଅତିଥି ଭାବେ ଆଇକ୍ୟୁଏସି କୋଅର୍ଡିନେଟର ଅକ୍ଷୟ କୁମାର ସାହୁ ଓ ଏନ୍‌ଏସ୍‌ଏସ୍ ୟୁନିଟ୍-୧ର ପ୍ରୋଗ୍ରାମ ଅଫିସର ରବିନ୍ଦ୍ର କୁମାର ପୋଲାଇ ଯୋଗ ଦେଇ ଶିବିରାର୍ଥୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସର୍ଗୀକୃତ ସେବା କାର୍ଯ୍ୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଉଦଘାଟନୀ ଦିବସରେ ଉକ୍ତ ୟୁନିଟ-୨ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଶିବିରର ମୋଟ ୫୦ ଜଣ ଛାତ୍ରୀ ନିକଟସ୍ଥ କତକଳା ଗ୍ରାମକୁ ଯାଇ ସେଠାକାର ବିଭିନ୍ନ ପରିବାରକୁ ସାକ୍ଷାତ ପୂର୍ବକ ସର୍ଭେ କାର୍ଯ୍ୟ ସମ୍ପାଦନ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ୨୫ରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବାକୁ ଥିବା ଉକ୍ତ ସ୍ୱତନ୍ତ୍ର ଶିବିର ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରାସ୍ତାଘାଟ ଓ ପୋଖରୀ ସଫେଇ, ବୃକ୍ଷ ରୋପଣ, ପଥପ୍ରାନ୍ତ ନାଟକ ମାଧ୍ୟମରେ ସ୍ୱଚ୍ଛତା ସଚେତନତା, ସ୍ୱାସ୍ଥ୍ୟ ପରୀକ୍ଷା, ମହିଳା ସ୍ୱାସ୍ଥ୍ୟ ବିଜ୍ଞାନ କର୍ମଶାଳା ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ନେଇ ପ୍ରୋଗ୍ରାମ ଅଫିସରଙ୍କଠାରୁ ପ୍ରକାଶ ପାଇଛି।

# ୫ ଦଫା ଦାବିନେଇ ଜିଲ୍ଲା ସ୍ୱାବଲମ୍ବୀ କାରିଗରଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାର କାର୍ଯ୍ୟରତ ସମସ୍ତ ବ୍ଲକ୍‌ରେ ନିଯୁକ୍ତି ପ୍ରାପ୍ତ ଏସଇଏମ ୫ଦଫା ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଦାବି ମଧ୍ୟରେ ବୌଦ୍ଧ ଜିଲ୍ଲାର ନିଯୁକ୍ତି ପ୍ରାପ୍ତ ସମସ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ସ୍ଥାୟୀ ନିଯୁକ୍ତି, ଜିଲ୍ଲାର ସମସ୍ତ ପଞ୍ଚାୟତରେ ନୂତନ ନିଯୁକ୍ତି ବନ୍ଦକରି ପୁରୁଣା ନିଯୁକ୍ତି ପ୍ରାପ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି, ସ୍ୱାବଲମ୍ବୀ କାରଗରଙ୍କୁ କୁଶଳୀ କାରିଗର ଭାବେ ସର୍ବନିମ୍ନ ମଜୁରି ପ୍ରଦାନ, ସ୍ୱାବଲମ୍ବୀ କାରିଗରଙ୍କ ସମସ୍ତ ବକେୟା ପ୍ରାପ୍ୟ ୧୫ ଦିନ ମଧ୍ୟରେ କାରିଗର ମାନଙ୍କୁ ପୈଠ କରିବା ସହ ପ୍ରତିମାସର ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନର ବ୍ୟବସ୍ଥା ଓ ପ୍ରତ୍ୟେକ ତାଲିମ ପ୍ରାପ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି ଗ୍ୟାରେଣ୍ଟି ଆଦି ରହିଛି। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ପ୍ରଦାନ କରିଥିଲେ।

# ଜଣେ ଯୁଗନାୟକ ଭାବେ ଚିର ସ୍ମରଣୀୟ ହୋଇ ରହିବେ ଅଟଳଜୀ : ଶିଳ୍ପ ମନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକ ଶହ ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ସଂସ୍କୃତି



ଅଧିକାରୀ ଦିଲ୍ଲିପ କୁମାର ଜେନା ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ, ସଭାକାର୍ଯ୍ୟ ଆରମ୍ଭ ହୋଇ ଥିଲା। ପରେ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ନିଜ ଅଭି-ଭାଷଣରେ ମୁଖ୍ୟ ଅତିଥି ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଟଳ ବିହାରୀ ବାଜପେୟୀଙ୍କୁ ଯୁଗନାୟକ ବୋଲି କହିଥିଲେ। ସେ କହିଥିଲେ ଯେ, ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ ଜଣେ କବି, ସମାଜସେବୀ, ଲେଖକ, ପତ୍ରକାର ଭାବରେ ସମସ୍ତେ ତାଙ୍କୁ ଜାଣନ୍ତି। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, କୃଷି, ବିଜ୍ଞାନ, ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ବାଜପେୟୀ ଜଣେ ରାଜନେତା ସହ ଜଣେ ଭଲ କବି ମଧ୍ୟ ଥିଲେ। ସଂସଦରେ ଅନେକ ଥର ସେ କବିତା ମାଧ୍ୟମରେ ନିଜ ବୟାନ ରଖିଛନ୍ତି। ତେଣୁ ତାଙ୍କୁ ଜଣେ କବି ଭାବରେ ସାରା ଦେଶ ଜାଣେ। ତାଙ୍କ ଜନ୍ମ ଜୟନ୍ତୀରେ ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ସମାଜ ର ଶେଷ ଭାଗ ର ଲୋକଙ୍କ ପାଖେ ସୁବିଧା ପହଞ୍ଚାଇବା। ମୁଖ୍ୟ ବକ୍ତା ତଥା ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ସୁଶାସନ ଦିବସର ମହତ୍ୱ ବଖାଣିବା ସହିତ, ଶାସନ ଓ ସୁଶାସନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ପୋଖରାନଠାରେ ପରମାଣୁ ପରୀକ୍ଷଣ ସାରା ବିଶ୍ୱରେ ଭାରତକୁ ଏକ ପରମାଣୁ ଶକ୍ତିଯୁକ୍ତ ରାଷ୍ଟ୍ରରେ ପରିଗଣିତ କରାଇବା ପାଇଁ ଅଟଳଜୀଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଦାସ କହିଥିଲେ। ସୁଶାସନର ବ୍ୟବସ୍ଥାର ପ୍ରକୃତ ଅର୍ଥ ହେଉଛି ତୃଣମୂଳ ସ୍ତରରେ ସରକାରଙ୍କ ଯୋଜନାକୁ ପହଞ୍ଚାଇବା ବୋଲି ବିଧାୟକ କହିଥିଲେ। ନିଜ ବକ୍ତବ୍ୟରେ ଜିଲ୍ଲାରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି ଏବଂ ଏହାର ପ୍ରତିଫଳନ ଜନସାଧାରଣଙ୍କ ନିକଟରେ ପହଁଚୁଛି ବୋଲି ଜିଲ୍ଲାପାଳ ଜେ ସୋନାଲ କହିଥିଲେ। ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ସୁଶାସନ ଦିବସର ମହତ୍ୱ ପ୍ରତିପାଦିତ କରି ସାଧାରଣ ଲୋକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥିଲେ।

# ଅବହେଳିତ ଗୋରୁଙ୍କ ସୁରକ୍ଷା ନେଇ କାମଧେନୁ ଗୋସେବା ଟ୍ରଷ୍ଟର ପଦକ୍ଷେପ

**କେନ୍ଦୁଝର, ନ୍ୟୁଜ୍**

ବଢୁଥିବା ବୁଲା ଗୋରୁ, ଷଣ୍ଢ ଓ କୁକୁରଙ୍କୁ ନେଇ ଅନେକ ସମୟରେ ରାସ୍ତାରେ ଦୁର୍ଘଟଣା ମାନ ଘଟୁଥିବା ବେଳେ ଅନେକ ସମୟରେ ଗାଈଗୋରୁମାନେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କିମ୍ବା ଖଣ୍ଡିଆ ଖାବରା ହୋଇ ଚିକିତ୍ସା ଅଭାବରୁ କଷ୍ଟ ଭୋଗୁଛନ୍ତି। ଅନେକ ଗୋରୁ ମାଲିକ ଗାଈଗୋରୁଙ୍କୁ ରାସ୍ତାରେ ଅନାଥ ଭାବେ ଛାଡ଼ିଦେଇ ସେମାନଙ୍କୁ ଅବହେଳା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେହିଭଳି ପଶୁ ପକ୍ଷୀଙ୍କ ସେବା ଯୋଗାଇବା ଲକ୍ଷ୍ୟରେ କାମଧେନୁ ଗୋସେବା ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ସଦସ୍ୟ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେନ୍ଦୁଝରରେ ଗୋମାତା ସୁରକ୍ଷା, ଗୋଶାଳା ପ୍ରତିଷ୍ଠା, ଗୋରୁ ଗାଈଙ୍କ ସହିତ ବିଭିନ୍ନ ଜୀବଜନ୍ତୁଙ୍କ ଯତ୍ନ, ତଥା ଅନାଥ ଭାବେ ରାସ୍ତାରେ




ବୁଲୁଥିବା ପଶୁଙ୍କ ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ଡାକ୍ତର ଅରୁଣ ସାହୁ ତୁଳସୀ ପୂଜନ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଟ୍ରଷ୍ଟର ସେଟଲର ମୋନାଲିସା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଶୁ ହିତକର ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇ ନିଷ୍ପତ୍ତି ନିଆ ଯାଇଥିଲା। ଟ୍ରଷ୍ଟ କେନ୍ଦୁଝର ସହରରେ ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ବୁଲା ଗାଈଗୋରୁ, ଷଣ୍ଢ ଓ ବୁଲା କୁକୁର ଆଦିଙ୍କୁ ସୁରକ୍ଷା ପ୍ରଦାନ ଲାଗି ସେବା ଜାରି ରଖିଛି। ଗୋସମ୍ପଦ ସୁରକ୍ଷା ପାଇଁ ଆଗାମୀ ଦିନରେ ଜିଲ୍ଲାର ପଶୁ ସମ୍ପଦ କାର୍ଯ୍ୟାଳୟ, ବିଭିନ୍ନ ନଗରପାଳିକା, ବ୍ଲକ୍, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହିତ ରାସ୍ତା କଡ଼ରୁ ଉଦ୍ଧାର ହେଉଥିବା ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ପଦକ୍ଷେପ ନେବ ବୋଲି ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା। ତେଣୁ କେନ୍ଦୁଝରଗଡ଼ ନଗରପାଳିକା କର୍ତ୍ତୃପକ୍ଷ ଓ ସଦର ବ୍ଲକ ତରଫରୁ ବିଭିନ୍ନ ବନ୍ଦ ଥିବା କାଞ୍ଜିଆ ହୁଦାକୁ ଗୋରୁ ଗାଈଙ୍କ ଉଦ୍ଧାର କେନ୍ଦ୍ରରେ ପରିଣତ କରିବାକୁ ଏହି ବୈଠକରେ ଆହ୍ୱାନ ଦିଆଯାଇ ଥିଲା। ଟ୍ରଷ୍ଟ ପକ୍ଷରୁ ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଓ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଟ୍ରଷ୍ଟ ସଦସ୍ୟ ସରୋଜ ଦାଶ ବିବରଣୀ ପାଠ କରିବା ସହିତ ଟ୍ରଷ୍ଟର ଅଭିମୁଖ୍ୟ ବିଷୟରେ ବିଭିନ୍ନ ସୂଚନା ଦେଇଥିବା ବେଳେ ସମ୍ପାଦିକା ମୋନାଲିସା ଦାଶ ଆଗାମୀ ଦିନରେ ଟ୍ରଷ୍ଟ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ି ଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟଜିତ ସାମନ୍ତରାୟ, ବିଭୂତି ଭୂଷଣ ଦାଶ, ଦିଲୀପ କୁମାର ସାହୁ, ପ୍ରତାପ କୁମାର ଝରା, ଲକ୍ଷ୍ମୀଧର ନାଏକ, ସଞ୍ଜୟ କୁମାର ପ୍ରହରାଜ, ହିତେଶ ରାଠୋର, ମନିଷା ରାଉତରାୟ ଓ ଜିତେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ପ୍ରଦାନ କରିଥିଲେ।

# ବୌଦ୍ଧରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସ୍ଥିତ ପାଣି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବୌଦ୍ଧ ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ଶୀର୍ଷ କମିଟିର ସଭାପତି ପୟୋଧର ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବିଡିଓ ଶରତ କୁମାର ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବୌଦ୍ଧ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ନରେଶ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପାଣି ପଞ୍ଚାୟତ ମାନଙ୍କର କର୍ମକର୍ତ୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଡିସେମ୍ବର ୨୦୨୪ ସୋମବାର





# ହଟୁନି ଜବରଦଖଲ, ଚାଲିଛି ବେଆଇନ ପାର୍କିଂ : ରାସ୍ତାରେ ବଢ଼ି ଚାଲିଛି ଟ୍ରାଫିକ ସମସ୍ୟା

**ବରଗଡ, ନ୍ୟୁଜ ବ୍ୟୁରୋ**

ଟ୍ରାଫିକ ସମସ୍ୟାକୁ ନେଇ ବରଗଡ଼ ଧର୍ମଶାଳା ରାସ୍ତା ରାସ୍ତା ରୋକ କଲେ ବରଗଡ଼ର ଯୁବକ ମାନେ । ବରଗଡ଼ ସହରର ଲେଙ୍ଗୁମିଶ୍ର ଛକରୁ ଜିରାବ୍ରିଜ ପର୍ଯ୍ୟନ୍ତ ଥିବା ଦୋକାନମାନଙ୍କ ସମ୍ମୁଖରେ ପ୍ରତିଦିନ ବେଆଇନ ପାର୍କିଙ୍ଗ କରାଯାଉଛି । ତେବେ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି । ଜବର ଦଖଲ ଉଚ୍ଛେଦ ମଧ୍ୟ ଅଧାରୁ ରହି ଯାଇଥିବା ବେଳେ ବର୍ତ୍ତମାନ ରାସ୍ତା କଡ଼ରେ ବେଆଇନ ପାର୍କିଙ୍ଗ ଯୋଗୁଁ ଜନସାଧାରଣ ମାନେ ଯିବା ଆସିବା ପାଇଁ ବହୁ ସମସ୍ୟାର ଆମ୍ମୁଖୀନ ହେଉଛନ୍ତି । ତେବେ ଜିଲ୍ଲାପ୍ରଶାସନ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରୁଥିବା ବେଳେ ଟ୍ରାଫିକ ପୋଲିସ ମଧ୍ୟ ଛକରେ ରହୁ ନାହିଁ । ଯାହାକୁ ନେଇ ବରଗଡ଼ବାସି ରାସ୍ତା ରୋକ କରିବା ସହ ବେଆଇନ ପାର୍କିଙ୍ଗ ବନ୍ଦ କରାଯାଉ ବୋଲି ଦାବି କରିଥିଲେ । ଘଟଣା ସ୍ଥଳରେ ଟାଉନ ପୋଲିସ ପହଞ୍ଚି ବେଆଇନ ପାର୍କିଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗାଡି ମାନଙ୍କ ଚାଲାଣ କଟାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା । ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ପଞ୍ଚମ ସନ୍ଧ୍ୟା

# ପୁସ୍ତକର ଅଭାବ ମଣିଷକୁ ଆଦିମ ଆଡକୁ ଟାଣି ନିଏ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ପଞ୍ଚ ସନ୍ଧ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଯାଜପୁର ଜିଲ୍ଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ମହୋତ୍ସବକୁ ଯାଜପୁରର ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ର ପାଠ କରିଥିଲେ। ହୃଷିକେଷ ପତି ମଞ୍ଚାସୀନ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ ଯୋଗଦେଇ ଯାଜପୁର ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଖଣ୍ଡିଏ ପୁସ୍ତକ କ୍ରୟ କରିବା ପାଇଁ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ବହିର ଆବଶ୍ୟକତାର କେବେ ସଭ୍ୟ ମାନବ ସମାଜରେ ଅନ୍ତ ହେବ ନାହିଁ। ପୁସ୍ତକ ସମାଜର ଦର୍ପଣ। ପୁସ୍ତକର ଅଭାବ ମଣିଷକୁ ଆଦିମତା ଆଡକୁ ଟାଣି ନିଏ।ସମ୍ମାନିତ ବକ୍ତା ଜିଲ୍ଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ବଜଗୋପାଳ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଆଜିକାଲିର ଯୁବ ପିଢ଼ି ମୋବାଇଲକୁ ଛାଡ଼ି ପୁସ୍ତକକୁ ସାଥି କରିବା ଦରକାର ବୋଲି ତାଙ୍କ ବକ୍ତବ୍ୟରେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଆରକ୍ଷୀ ନିରୀକ୍ଷକ ଶରତ ପାତ୍ର ଏବଂ ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଉଦୟ ନାରାୟଣ ପରିଡ଼ା ଯୋଗଦେଇ ପୁସ୍ତକ ଜଣେ ଲେଖକ କିମ୍ବା ଲେଖିକା ଲେଖିଥିବା ବେଳେ ଗୁଗୁଲ ତଥ୍ୟର କେହି ମା' କିମ୍ବା ବାପା ନ ଥାନ୍ତି। ଜ୍ଞାନର ଗନ୍ତାଘର ଭାରତ ବେଦ ଓ ଉପନିଷଦ ବିଶ୍ୱକୁ ଜ୍ଞାନର ଦିଗ୍ ଦର୍ଶନ ଦେଇଥିଲା। ଭାରତ ଶିକ୍ଷାର ମୂଳ ଉତ୍ସ ଥିଲା ଏବଂ ଗୁରୁକୂଳ ଆଶ୍ରମ ଜ୍ଞାନ ଅସୀମ ଭଣ୍ଡାର ଥିଲା ବୋଲି କହିଥିଲେ। ସାଂସ୍କୃତିକ ସଂପାଦକ ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣ ମାଧ୍ୟମର ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସାହେବଜାଦା ରିଜୱାନ ଓ ସହକାରୀ ଜ୍ୟୋର୍ତିମୟୀ ମିଶ୍ରଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁବାସ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଧଳତଙ୍ଗଗଡ ଜଙ୍ଗଲରେ ଅଧା ପାଚେରୀ କରି ଧରାଛୁଆଁ ଦେଉନାହାନ୍ତି ଠିକାଦାର

# ଅସୁରକ୍ଷିତ ବନ୍ୟପ୍ରାଣୀ:ହରିଣମାନଙ୍କ ଦାଉରୁ ଚାଷୀ ହନ୍ତସନ୍ତ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାର ଏକମାତ୍ର ପ୍ରସ୍ତାବିତ ଧଳତଙ୍ଗଗଡ ଜଙ୍ଗଲରେ ପାଚେରୀ ଅଧା କରି ଠିକାଦାର ଆଉ ଧରା ଛୁଆଁ ଦେଉନାହାନ୍ତି ।ଅଧାପନ୍ତରିଆ ପାଚେରି ଯୋଗୁ ଜଙ୍ଗଲ ସମ୍ପଦ ଅସୁରକ୍ଷିତ ପାଲଟିଥିବା ବେଳେ ବଣ୍ୟ ଜନ୍ତୁ ଜଙ୍ଗଲ ବାହାରକୁ ଆସି ଫସଲ ନଷ୍ଟ କରୁଥିବାରୁ ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ତହସିଲ ଅଞ୍ଚଳରେ ରହିଛି ଧଳତଙ୍ଗଗଡ ପ୍ରସ୍ତାବିତ ସଂରକ୍ଷିତ ପ୍ରାକୃତିକ ଜଙ୍ଗଲ । ପ୍ରାୟ ୩୦୦ ଏକରରୁ ଅଧିକ ବିଶିଷ୍ଟ ଏହି ପ୍ରାକୃତିକ ଜଙ୍ଗଲରେ ଅନେକ ଔଷଧୀୟ ବୃକ୍ଷରାଶି ସହିତ ଶହ ଶହ ହରିଣ,ବାରହା ଇତ୍ୟାଦି ଅନ୍ୟାନ୍ୟ ବନ୍ୟଜନ୍ତୁ ରହିଛନ୍ତି ।ହେଲେ ଏହି ଜଙ୍ଗଲରୁ ବେଆଇନ ଗଛ କଟା ସାଙ୍ଗକୁ ବନ୍ୟ ଜନ୍ତୁଙ୍କ ପାଣି ପିଇବା ପାଇଁ ଜଙ୍ଗଲ ଭିତରେ ଥିବା ଜଳାଶୟ ଗୁଡିକ ଶୁଖି ଯାଉଥିବା ବେଳେ ଖାଦ୍ୟର ମଧ୍ୟ ଅଭାବ ରହୁଛି ।ଯାହା ଫଳରେ ଜଙ୍ଗଲ ଭିତରେ ଥିବା ବନ୍ୟ ଜନ୍ତୁମାନେ ଖାଦ୍ୟ ସନ୍ଧାନରେ ବାହାରକୁ ଚାଲି ଆସି ନିକଟସ୍ଥ ଗାଁ ଗଣ୍ଡାରେ ପଶି ଚାଷୀମାନଙ୍କର ବ୍ୟାପକ ଫସଲକୁ କ୍ଷତି ପହଞ୍ଚାଉଛନ୍ତି ।ଧାନ, ମୁଗ, ବିରି ଠାରୁ ଆରମ୍ଭ କରି ବାଇଗଣ, ବିଲାତି, କୋବି ଆଦି ଫସଲକୁ ହରିଣ ମାନେ ଖାଇ ଚାଷୀର ବ୍ୟାପକ ହାନି କରୁଛନ୍ତି । ଏହା ସହିତ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଯାଉଥିବା ବେଳେ ନିକଟରେ



ଯାଇଥିବା ରେଳ ଧାରଣା ପାର ହେବା ସମୟରେ ରେଳ ଦୁର୍ଘଟଣାର ଶିକାର ହୋଇ ବହୁ ହରିଣ ମୃତ୍ୟୁ ବରଣ ମଧ୍ୟ କରିଛନ୍ତି । ଏହି ସମସ୍ୟା ବାବଦରେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଜଙ୍ଗଲ ବିଭାଗ ଅଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି ।ବାରମ୍ବାର ଦାବୀ ପରେ ଜଙ୍ଗଲ ସୁରକ୍ଷା,ଜଙ୍ଗଲୀ ଜନ୍ତୁ ମାନଙ୍କର ସୁରକ୍ଷା ଓ ବିଶେଷ ଭାବରେ ହରିଣମାନଙ୍କ ସୁରକ୍ଷା ପାଇଁ ସରକାର ୫ଟି ଅଧୀନରେ ଗତ ବର୍ଷ ୧୭ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ମାଧ୍ୟମରେ ଧଳତଙ୍ଗଗଡ ଜୈବ ବିବିଧତା ସଂରକ୍ଷଣ ଓ ପରିବେଶ ପର୍ଯ୍ୟଟନ ପ୍ରକଳ୍ପର ବିକାଶ ନିମିତ୍ତ ଏହି ଅର୍ଥ ରାଶି ସରକାର ମଞ୍ଜୁର କରିଥିଲେ । ଏହି ଅର୍ଥରେ ବନ୍ୟ ଜନ୍ତୁମାନଙ୍କ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ, ପୋଖରୀ ଖୋଳା, ନୂତନ ବୃକ୍ଷ ରୋପଣ ଆଦି ବହୁ ପ୍ରକଳ୍ପ କାର୍ଯ୍ୟକାରି ହେବା ପାଇଁ ପ୍ରସ୍ତାବ ରହିଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାଳ ୨୦୨୩-୨୪ ଠାରୁ ୨୦୨୪-୨୫ ମଧ୍ୟରେ ରହିଥିଲା। ଏହି କାର୍ଯ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା ।ମାତ୍ର ସଂପୃକ୍ତ ଠିକାଦାର ଜଙ୍ଗଲ ଚାରିପଟେ ପାଚେରୀ କାର୍ଯ୍ୟ ଆରମ୍ଭ କରିଥିଲେ ।ଜଙ୍ଗଲର କିଛି ଅଂଶରେ ପାଚେରୀ ନିର୍ମାଣ କରାଯାଇଥିବା ବେଳେ ବହୁ ସ୍ଥାନରେ ଆଦୌ ପାଚେରୀ କାମ କରାଯାଇନାହିଁ ।ପାଚେରୀ କାମ ଅଧା କରି ଠିକାଦାର ଆଉ ଧରା ଛୁଆଁ ଦେଉ ନଥିବାର ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ।ଯେତିକି ପାଚେରୀ ନିର୍ମାଣ ହୋଇଛି ସେଥିରେ ତାର ଜାଲି ଲାଗି ନଥିବାରୁ ହରିଣ ମାନେ ପୂର୍ବପରି ଚାଷୀଙ୍କ ଫସଲ ହାନୀ କରୁଛନ୍ତି ।ଜଙ୍ଗଲ ସଂପଦକୁ ମାଫିଆମାନେ ଲୁଟି ନେବା ସହିତ ହରିଣ, ବାରହା ଆଦି ବନ୍ୟ ଜନ୍ତୁମାନେ ଜଙ୍ଗଲ ବାହାରକୁ ଆଦି ବ୍ୟାପକ ଫସଲ ହାନି ଘଟାଉଛନ୍ତି। ଫଳରେ ନିକଟସ୍ଥ ରାମଚନ୍ଦ୍ରପୁର, ପାଣ୍ଡରା, ଛପଡା, ତଅଁରା, ପୁରୁଣାବସନ୍ତ, ଜୟପୁର, ଶାଳିଜଙ୍ଗା, ଗୁଆଳିପୁର ଆଦି ଗ୍ରାମର ଚାଷୀମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଥିବା ବେଳେ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ହରିଣମାନେ ଯାଇ ଫସଲ ହାନୀ କରୁଥିବାର ଚାଷୀମାନେ ଅଭିଯୋଗ କରୁଛନ୍ତି । ଚାଷୀମାନେ ଫସଲ ସୁରକ୍ଷିତ ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଆରି କଡରେ ମଞ୍ଚା ବାନ୍ଧି ଜଗୁଥିବା ସ୍ଥାନୀୟ ଚାଷୀ ଭରତ ଚନ୍ଦ୍ର ବିଶ୍ୱାଳ,ଗୋପାଳ ନାୟକ,ବିଜୟ କୁମାର ରାୟ ପ୍ରମୁଖ କହିଛନ୍ତି । ଏହାକୁ ନେଇ ନବନିର୍ମାଣ କୃଷକ ସଂଗଠନର ଦେବୀ ପ୍ରସାଦ ମହାରଣା କୁହନ୍ତି ସରକାର ଯେଉଁଥି ପାଇଁ ଅର୍ଥ ବରାଦ କରିଥିଲେ ତାହାର ଉଦ୍ଦେଶ୍ୟ ପୁରଣ ହେଲା ନାହିଁ ।ପାଚେରୀ କାମ ଅଧାପନ୍ତରିଆ ରହିଲା । ପୂର୍ବ ଭଳି ହରିଣମାନେ ଚାଷୀର ଫସଲ କ୍ଷତି କରୁଛନ୍ତି ।ଠିକାଦାର,ନେତା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଚାଷୀ ବଳି ପଡିଲା । ଠିକାଦର ଯେତିକି କାମ କରି ବିଲ ନେଇ ଛୁ ।ପ୍ରଥମେ ସଂପୃକ୍ତ ଠିକାଦାର ଯେଉଁ କାମ କରି ତାହାର ସଠିକ ହୋଇଛି ନା ନିମ୍ନମାନର ହୋଇଛି ତାହାର ତଦନ୍ତ କରାଯାଉ । କାମ ସଂପୂର୍ଣ୍ଣ ନହେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଦାୟୀ ।ଯଦି ଠିକାଦାର ଠିକ ଭାବରେ କାମ ନକରୁଛି ତେବେ ସଂପୃକ୍ତ ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାର ଲାଇସେନସ ମଧ୍ୟ ରଦ୍ଦ କରାଯିବା ପାଇଁ ଦାବୀ କରିଛନ୍ତି । ଏହା ବାବଦରେ ଅରଣ୍ୟ ଅଭିଯାନର ସଦସ୍ୟ ସନ୍ତୋଷ ପ୍ରଧାନ କହିଛନ୍ତି ପାଚେରୀ କାମ ପୂର୍ଣ୍ଣାଙ୍ଗ ନହେବାରୁ ହରିଣମାନେ ବ୍ୟାପକ ଫସଲ ହାନୀ କରୁଛନ୍ତି। ଜଙ୍ଗଲ ମଧ୍ୟରେ ପୋଖରୀ ଖୋଳା ଯାଇଥିଲେ ହେଁ ସେଥିରେ ପାଣି ନଥିବାରୁ ବନ୍ୟଜନ୍ତୁମାନେ ବାହାରକୁ ଚାଲି ଆସୁଛନ୍ତି ।ହରିଣ ସଂଖ୍ୟା ୨୦୦ରୁ ଉର୍ଦ୍ଧ ହେବାରୁ ଜଙ୍ଗଲ ମଧ୍ୟରେ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ନାହିଁ । ତେଣୁ ସେମାନେ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଚାଲି ଯାଉଛନ୍ତି । ପାଚେରୀ କାମ ଅଧା ରହିଥିବାରୁ ଏଭଳି ସମସ୍ୟା ଉପୁଜିଛି । ଏହାକୁ ନେଇ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯଦି ଠିକାଦାର ଅଧାରୁ କାମ ଛାଡି ଯାଇଛି ତାକୁ ପ୍ରଥମେ ନୋଟିସ କରାଯିବ ।ନୋଟିସ କରିବା ପରେ ଯଦି ସେ କାମ ନକରିବ ତେବେ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ରି ଟେଣ୍ଡରିଂ କରି ପାଚେରୀ ନର୍ମାଣ କାର୍ଯ୍ୟ ଏକ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସଂପୂର୍ଣ୍ଣ କରାଯିବ ବୋଲି କହିଥିଲେ ।ତେବେ ଜିଲ୍ଲାର ଏକମାତ୍ର ଜଙ୍ଗଲ ରାଶିର ସୁରକ୍ଷା ସହିତ ହରିଣମାନଙ୍କର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ହୋଇ ପଡିଥିବା ବେଳେ ଚାଷୀମାନଙ୍କୁ ଜଙ୍ଗଲୀ ଜନ୍ତୁଙ୍କ ଦାଉରୁ ରକ୍ଷା କରିବା ପାଇଁ ବୟାପକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।ଯଦି ଜିଲ୍ଲା ପ୍ରଶାସନ ଏହାର ସୁବ୍ୟବସ୍ଥା ନକରେ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

## ବିକଳାଙ୍ଗ ମଞ୍ଚ ପକ୍ଷରୁ ୩୦୦ ଭିନ୍ନକ୍ଷମଙ୍କୁ କିଟ୍ ସାମଗ୍ରୀ ବଣ୍ଟନ

**ଧାମନଗର, ନ୍ୟୁଜ ବ୍ୟୁରୋ**

ଦୋବଲ ହାଇସ୍କୁଲ ପଡିଆ ଠାରେ ଓଡିଶା ବିକଳାଙ୍ଗ ମଞ୍ଚ ଆନୁକୂଲ୍ୟରେ ଆକ୍ସନ ଏଡ ପକ୍ଷରୁ ଧାମନଗର ବ୍ଲକର ୧୦ଟି ପଞ୍ଚାୟତର ୩୦୦ ଭିନ୍ନକ୍ଷମ ଭାଇ ଭୋଉଣିଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉ କି ଗତ ବାତ୍ୟା ଦାନା ରେ କ୍ଷତି ଗ୍ରସ୍ତ ହୋଇଥିବା ଭିନ୍ନକ୍ଷମ ପରିବାରକୁ ଏହି ସାହାଯ୍ୟ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପବିତ୍ର ଦାସ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଅଶୋକ କୁମାର ପଣ୍ଡା, ଜିଲ୍ଲାପରିଷଦ ପ୍ରତିନିଧି ପ୍ରତାପ ସାମଲ, ୱାର୍ଡ ସଭ୍ୟା କୁନିଲତା ବେହେରା, ସମାଜ ସେବୀ ଶୁଶାନ୍ତ ରାଉତ, ଆକ୍ସନ ଆଡ ର ରାଜ୍ୟ ମୁଖ୍ୟ ଦେବ୍ରତ ପାତ୍ର, ରାଜ୍ୟ ଜରୁରୀକାଳୀନ ମୂଖ୍ୟ ଶୁଭେନ୍ଦୁ ରାୟ, ଜିଲ୍ଲା ସଂଯୋଜକ ।

# ବର୍ଷକର ଆହାର ପାଣିରେ ଭାସୁଛି : ଚାଷୀ ପାଣିରୁ ଧାନ କଟଡ଼ା ଛାଣୁଛି

## ଧାନ ବିଲକୁ ଅନାଇ ଚାଷୀ ମୁଣ୍ଡରେ ହାତ ଦେଇଛି

**ତିର୍ତ୍ତୋଲ, ନ୍ୟୁଜ ବ୍ୟୁରୋ**

ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଚିଲା ଧାନ ବିଲରେ ଆଣ୍ଠୁଏ ପାଣି ଜମି ଧାନ ସବୁ ନଷ୍ଟ ହୋଇଯାଇଛି । ଯାହାଫଳରେ ଚାଷୀ ବର୍ଷକର ଆହାର ହରାଇ ଚିନ୍ତାରେ ବସିଛି । ଚାଷୀ ବର୍ଷକର ଆହାର ପାଇଁ ଯାହା ପୁଞ୍ଜି ଲଗାଇଥିଲା ତାହା ପାଣିରେ ଗଲା । ବର୍ଷା ଛାଡ଼ିଯାଇଛି ସତ ଚାଷୀ ଦୁଃଖ ସରିନି । ବିଲରୁ ପାଣି ଖସୁନି, କଟା ଧାନ ପାଣିରେ ଭାସୁଛି, ଚାଷୀ ଧାନ ବିଲରୁ ପାଣିରେ ପଡ଼ିଥିବା କଟଡ଼ା କୁ ଛାଣି ଶୁଖିଲା ଜାଗାରେ ରଖୁଛି । ତିର୍ତ୍ତୋଲ ବ୍ଲକରେ ୨୯ ଟି ପଂଚାୟତରେ ଏକ ପ୍ରକାର ସମସ୍ୟା । ସରକାର କ୍ଷୟକ୍ଷେତି ପ୍ରଦାନ ପାଇଁ ଘୋଷଣା କରିଛନ୍ତି । କଚଡ଼ା ଧାନ ଗଜା ହୋଇଗଲାଣି । ହେକ୍ଟର ହେକ୍ଟର ଚାଷ ଜମି ଲଗାଣ ଝିପି ଝିପି ବର୍ଷାରେ ଜଳମଗ୍ନ । ଚାଷୀ ଏହାକୁ ଚିନ୍ତାରେ ପଡି ବିଲ ମୁଣ୍ଡରେ ଧାନ ବିଲକୁ ଅନାଇ ମୁଣ୍ଡରେ ହାତ ଦେଇ ବସିଛି । ପ୍ରଥମ ବର୍ଷାରେ ବିଲରୁ ପାଣି ନାଶୁଖୁଣୁ ଦ୍ୱିତୀୟ ବର୍ଷା ବୋଝ ଉପରେ ନଳିତା ବିଡା ସଦୃଶ ଦାଉ ସାଧିଲା । ଧାନ ପାଣିରେ ବୁଡି ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ଧାନ ଗଛ ପାଣିରେ ବୁଡି ରହିବାଦ୍ୱାରା ପଚିଶଢ଼ି ନଡା ପାଇଁ ଅନୁପଯୁକ୍ତ ହୋଇପଡିଛି । ଫଳରେ ଆଗାମୀ ଦିନରେ ଗାଇଗୋରୁଙ୍କ ପାଇଁ ନଡା ବିଡାଏ ମିଳିବା କଷ୍ଟକର ହୋଇପଡିବବୋଲି ଅନେକ ଚାଷୀ କହିଛନ୍ତି । କନିମୁଳ, ଶଙ୍ଖେଶ୍ୱର, କୃଷ୍ଣାନନ୍ଦପୁର, ବିଶ୍ୱାନପୁର, ଦାଇଁଲୋ, କୋଲର, ସାମନ୍ତରାପୁର, ଆମ୍ବେରୀ, କନକପୁର, ତରଜଙ୍ଗା, କଟରା, ପଟିଲୋ ସମେତ ସମସ୍ତେ ପଞ୍ଚାୟତର ଚାଷ ଜମିରେ ପାଣି ଲହଡି ମାରୁଛି ।



# ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ୩ ଦିନିଆ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁବ ନେତୃତ୍ୱ ଶିବିର-୨୦୨୪ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୩ - ଦିନିଆ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ଯୋଜନା ଯୁବ ନେତୃତ୍ୱ ଶିବିର - ୨୦୨୪ ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୧୨୦ରୁ ଉର୍ଦ୍ଧ୍ୱ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର ଯୋଗ ଦେଇଛନ୍ତି।



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସ୍‌ଏସ୍‌ର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ୍ ଯୋଗ ଦେଇ କହିଥିଲେ ଯେ ଏହି ନେତୃତ୍ୱ ଶିବିରରେ ଯୋଗ ଦେଇଥିବା ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ବହୁତ କିଛି ଶିଖିବାକୁ ମିଳିବ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା ପ୍ରତିପାଦନ କରିବା। ଏହା ମାଧ୍ୟମରେ ସେମାନେ କିପରି ସମାଜ ସେବା କରିପାରିବେ ଓ ତାଙ୍କ ମଧ୍ୟରେ ନେତୃତ୍ୱ ନେବାର ମନୋଭାବ ସୃଷ୍ଟି ହେବ ସେ ବିଷୟରେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ନିଜର କମ୍ୟୁନିକେସନ୍ ଦକ୍ଷତାକୁ ସୁଦୃଢ଼ କରିବା ନିତାନ୍ତ ଆବଶ୍ୟକ। ପୁସ୍ତକରୁ ମିଳୁଥିବା ଜ୍ଞାନ ଭିତରେ ନିଜ ଜ୍ଞାନକୁ ସୀମିତ ନ ରଖି ବାହ୍ୟ ଜ୍ଞାନ ବିଷୟରେ ଅବଗତ ହେବା ଜରୁରୀ । ନିଜେ ଶୃଙ୍ଖଳିତ ହେଲେ ହିଁ ସମାଜ ପାଇଁ ରୋଲ୍ ମଡେଲ ହୋଇପାରିବ ବୋଲି ସୁଶ୍ରୀ ପଟେଲ କହିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଭାପତି ଭାବେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ନେତୃତ୍ୱ ନେବା ସହଜ ନୁହେଁ। ଗୋଟିଏ ନେତାକୁ ବହୁତ କିଛି ହରେଇବାକୁ ପଡିଥାଏ। ସେ ନିଜର ସ୍ୱାର୍ଥକୁ ପଛରେ ରଖି ନିଜ ଦଳ ଅବା ସମାଜ ପାଇଁ ନିଜକୁ ସଦାସର୍ବଦା ଉତ୍ସର୍ଗ କରିଥାଏ । ପ୍ରତିକୂଳ ପରିସ୍ଥିତିରେ ନିଜକୁ ଖାପ ଖୁଆଇବା ଏକ ନେତାର ଗୁଣ ବୋଲି ପ୍ରଫେସର ନନ୍ଦ କହିଥିଲେ। ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ନେତୃତ୍ୱ ଓ ନେତାର ଭୂମିକା କ'ଣ ହେବା ଉଚିତ୍ ସେ ବିଷୟରେ ସେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗ ଦେଇ କହିଥିଲେ ଯେ ଗୋଟିଏ ନେତା ସବୁବେଳେ ନିଜ ଦଳକୁ ସାଙ୍ଗରେ ନେଇ ଚାଲିବାକୁ ପସନ୍ଦ କରେ। ସେ କେବଳ ନିଜର ଉନ୍ନତି ବିଷୟରେ ଭାବି ନଥାଏ ବରଂ ସେ ସଦାସର୍ବଦା ନିଜ ଦଳ ଓ ସମାଜର ହିତ ବିଷୟରେ ଚିନ୍ତା କରିଥାଏ। ଶୃଙ୍ଖଳା ଏକ ନେତାର ପ୍ରଥମ ଗୁଣ। ଜଣେ ନେତା ସଦାସର୍ବଦା 'ନଟ୍ ମି ବଟ୍ ୟୁ' ଭାବନାକୁ ମନ ଭିତରେ ରଖିବା ଉଚିତ୍। କଠିନ ପରିଶ୍ରମ ଓ ଅଧ୍ୟବସାୟ ଫଳରେ ସବୁ ସମ୍ଭବପର ହୋଇପାରିବ ବୋଲି ପ୍ରଫେସର ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ ୟୁନିଭର୍ସିଟି ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ସ୍ୱାଗତ ଭାଷଣ ଦେବା ସହ ଶିବିର ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ପ୍ରଫେସର କମଳଲୋଚନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମା'ତାରାତାରିଣୀ ଶକ୍ତି ପୀଠରେ ପର୍ଯ୍ୟଟକଙ୍କ ହଟହଟା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତି ପୀଠ ତଥା ପୁରୁଷୋତମପୁର ବ୍ଲକ୍‌ର ରାଇପୁର ପଞ୍ଚାୟତରେ ଅବସ୍ଥିତ ହୋଇଥିବା ମାଁ ତାରାତାରିଣୀ ପିଠକୁ ରାଜ୍ୟ ଓ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ମାଁଙ୍କ ଦର୍ଶନ ସହିତ ତାଙ୍କ ଆର୍ଶୀବାଦ ପାଇବାକୁ ଆସିଥାନ୍ତି । ବର୍ତ୍ତମାନ ଶୀତ ଋତୁ ହୋଇଥିବାରୁ ଦୂରଦୂରାନ୍ତରୁ ବହୁ ଦର୍ଶକ, ଛାତ୍ର/ଛାତ୍ରୀ, ବୃଦ୍ଧ, ବୃଦ୍ଧା ଆସିଥାନ୍ତି ।



ତେବେ ଅନେକ ଭକ୍ତ ମାଁଙ୍କ ପ୍ରସାଦ ଟିକେ ପାଇବାପାଇଁ ବ୍ୟାକୁଳ ହୋଇଥାନ୍ତି। ଏବଂ ମାଁଙ୍କ ପ୍ରସାଦ ଟିକେ ଖାଇ ଆତ୍ମ ତୃପ୍ତି ଲାଭ କରିଥାନ୍ତି। ହେଲେ ଯେଉଁ ଆଶା ନେଇ ଭକ୍ତମାନେ ଭୋଗ ପାଇବାପାଇଁ ଆସୁଥିବା ବେଳେ ସେବାୟତ ମାନେ ଭକ୍ତମାନଙ୍କୁ ପ୍ରସାଦ ଦେବା ବଦଳରେ କିଛି ସେବାୟତ ସେମାନଙ୍କୁ ଶୋଷଣ କରୁଥିବା ଦର୍ଶକ ଏବଂ ଭକ୍ତମାନେ ଅଭିଯୋଗ କରିଛନ୍ତି। କାରଣ ଯେଉଁ ଭକ୍ତି ବିଶ୍ୱାସ ନେଇ ପାହାଡ଼ ଉପରକୁ ଭକ୍ତମାନେ ମାଁଙ୍କ ଦର୍ଶନ ସହିତ ପ୍ରସାଦ ଟିକେ ପାଇଁ ଏତେ ଦୂରରୁ ଆସିଥାନ୍ତି, ସେମାନଙ୍କ ପ୍ରତି କାହିଁକି ଏଭଳି ବ୍ୟବହାର କରୁଥାନ୍ତି ସେବାୟତମାନେ । ହୁଏତ ପାହାଡ଼ ଉପରକୁ ସାମାନ ନେଇ ରୋଷେଇ କରିବାରେ ଅର୍ଥ ବ୍ୟୟ ହେଉଛି ସେଥିପାଇଁ ଅଧିକ ଅର୍ଥ ନେଇ ପାରନ୍ତି, ତାର ଅର୍ଥ ନୁହେଁ କେବଳ ପ୍ଲେଟ ଦେଇ ଭକ୍ତଙ୍କ ମନକୁ କଷ୍ଟ ଦେବା ଓ ଭକ୍ତ ମାନଙ୍କୁ ପ୍ରସାଦ ନାମରେ ଅଧା ଉପାସରେ ରଖିବା କେତେଦୂର ଠିକ୍ ଓ ଯୁକ୍ତି ଯୁକ୍ତ ଅଟେ ।

## ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟ୍ ପ୍ରତି ଆଗ୍ରହ ବୃଦ୍ଧି ଯୋଗୁଁ ହଜି ଯାଉଛି 'ଗ୍ରୀଟିଙ୍ଗ କାର୍ଡ'

**କେନ୍ଦୁଝର, ନ୍ୟୁଜ**

ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟ୍ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ିଚାଲିଥିବାରୁ ବର୍ତ୍ତମାନ ସମୟରେ ପିଲା ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଶୁଭେଚ୍ଛା ବାର୍ତ୍ତା ଜଣାଇବା ଲାଗି ଆଉ ଗ୍ରୀଟିଙ୍ଗସ କାର୍ଡର ବ୍ୟବହାର କରୁ ନାହାଁନ୍ତି, ପ୍ରାୟତଃ ସମସ୍ତେ ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମ କୁ ଆପଣେଇ ନେଉଛନ୍ତି, ଯାଫଳରେ ଗତ କିଛି ବର୍ଷ ହେଲା ଗ୍ରୀଟିଙ୍ଗକାର୍ଡର ବିକ୍ରି ବହୁଳ ଭାବେ ହ୍ରାସ ପାଇ ଲୁଚି ଯିବା ଅବସ୍ଥାରେ ପହଁଞ୍ଚିଛି।




ଅତୀତରେ ନୂତନ ବର୍ଷର ଆଗମନ ପୂର୍ବରୁ ରାସ୍ତା ଘାଟ, ଦୋକାନ, ହାଟ ବଜାରମାନଙ୍କରେ ଭଳି ଭଳି ରଙ୍ଗ ବେରଙ୍ଗର ଗ୍ରୀଟିଙ୍ଗ କାର୍ଡ ବିକ୍ରି ହେଉଥିଲା ଏବଂ ଛୋଟରୁ ବଡ ସମସ୍ତଙ୍କ ଗହଳି ଗ୍ରୀଟିଙ୍ଗ ବିକ୍ରି ହେଉଥିବା ଦୋକାନ ମାଙ୍କରେ ଲାଗି ରହୁଥିଲା, ହେଲେ ଗତ କିଛି ବର୍ଷ ହେଲା ଇଣ୍ଟରନେଣ୍ଟର ଚାହିଦା ବୃଦ୍ଧି ଯୋଗୁଁ ଗ୍ରୀଟିଙ୍ଗ କାର୍ଡର ଚାହିଦା କମି କମି ହଜିଯିବା ଅବସ୍ଥାରେ ପହଁଚିଛି। ଆଉ କିଛି ଦିନ ପରେ ୨୦୨୪ ବିଦାୟ ନେବ ଓ ୨୦୨୫ର ଆଗମନ ହେବ, ଛୋଟ ଠାରୁ ବଡ ସମସ୍ତଙ୍କ ମଧ୍ୟରେ ଶୁଭେଚ୍ଛାର ବାର୍ତ୍ତା ଜଣାଇବା ଲାଗି ଆଗ୍ରହ ଉଙ୍କି ମାରିଛି ହେଲେ ବଦଳି ଯାଇଛି ଶୁଭେଚ୍ଛାର ବାର୍ତ୍ତା ଜଣାଇବାର ମାଧ୍ୟମ। ବର୍ତ୍ତମାନ ଗ୍ରୀଟିଙ୍ଗକାର୍ଡ ବଦଳରେ ସ୍ମାଟ ଫୋନରେ ସାମାଜିକ ଗଣମାଧ୍ୟମ, ଇଣ୍ଟରନେଟ୍, ହ୍ୱାଟସଆପରେ ହଜାର ହଜାର କିଲୋମିଟର ଦୂରରେ ଥିବା ବ୍ୟକ୍ତି ମାନଙ୍କୁ ନିମିଷକେ ମଧ୍ୟରେ ପଠାଇ ପାରୁଥିବାରୁ ଗ୍ରୀଟିଙ୍ଗକାର୍ଡ ଆଜି ଲୁପ୍ତ ଅବସ୍ଥାରେ ପହଁଞ୍ଚି ଯାଇଛି।

# ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୧୨।୨୦୨୪, ପୌଷ ଦି୧୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୨୧।୦୩** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ରାଘ ୩।୫୭ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ରାଘ ୧୧।୫୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ସିଂହ, ଧନୁ, ବିଛା, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୩।୫୭ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୭।୪୫ ମଧ୍ୟେ । ଦିଘ ୯।୧୮ ଗତେ ଘ ୧୧।୨୮ ମଧ୍ୟେ । **ପର୍ବୋତ୍ସବ-** ବକୁଳ ଅମାବାସ୍ୟା, ଶ୍ରୀ ଯଜ୍ଞ ବରାହ ଜନ୍ମୋତ୍ସବ, ନଷ୍ଟ ଚନ୍ଦ୍ରୋପବାସ ।



**ମେଷ:** ଶତ୍ରୁ ଆପଣଙ୍କ ଠାରୁ ପରାସ୍ତ ହେବେ । ବାହାରେ ଯନ୍ତ୍ରଣା ଅନୁଭବ କରିବେ । ପ୍ରଚୁର ଧନର ଅଧିକାରୀ ହେବେ । ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ । ଶୁଭ ଖବର ପାଇ ଆନନ୍ଦିତ ହେବେ ।



**ବୃଷ:** ଯାନ ବାହାନ କ୍ରୟ କରିବେ । କର୍ମକ୍ଷେତ୍ରରେ ସମସ୍ୟା ବହୁଳ ହୋଇପାରେ । ବନ୍ଧୁଙ୍କ ଠାରୁ କୌଣସି କ୍ରମେ କାର୍ଯ୍ୟ ହାସଲ କରିବେ । ଆୟର ପରିମାଣ ବଢ଼ିବ । ଗୃହରେ ଆନନ୍ଦ ପ୍ରାପ୍ତ ହେବାର ସୂଚନା ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ମହିଳାମାନେ ସ୍ୱାର୍ଥପର ହେବେ । ଲୋକମାନେ ଆପଣଙ୍କ ପ୍ରତି ଇର୍ଷା କରିବେ । ରୋଜଗାର ବୃଦ୍ଧି ହେବ । ପରିବରରେ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ସତ୍ ପଥରେ ଚାଲିବେ । ନୂତନ ଦ୍ରବ୍ୟ କ୍ରୟ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ସିଂହ:** ସବୁଠାରୁ ସମ୍ମାନ ପାଇବେ । ପୁରୁଣା ରୋଗ ଭଲ ହେବ । ଜାଗା ବାଡ଼ି କିଣିପାରନ୍ତି । ଦୟାଳୁ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ କରିବେ । ପରିବାରରେ ସମସ୍ୟା ଯୋଗୁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ଅପେକ୍ଷା କରିଥିବା ଶୁଭ ଖବର ମିଳିବ । କର୍ମକ୍ଷେତ୍ରରେ ସହଯୋଗୀଙ୍କ ସାନ୍ନିଧ ଲାଭ କରିବେ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ । କାର୍ଯ୍ୟକ୍ଷେତ୍ରରେ ଲୋକପ୍ରିୟତା ବଢ଼ିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ବଜାୟ ରହିବ । ପରିଶ୍ରମର ପରିମାଣ ବଢ଼ିବ ।



**ବିଛା:** କୌଣସି କାମରେ ମନ ଲାଗିବ ନାହିଁ । ମନରେ ବିରକ୍ତି ଭାବ ଲାଗି ରହିବ । ଅଳସୁଆମିରୁ କାର୍ଯ୍ୟ ନାଶ ହେବାର ସମ୍ଭାବନା । ଆୟ ଠାରୁ ବ୍ୟୟ ବଢ଼ିବ । ଘରେ ଶାନ୍ତି ପ୍ରାପ୍ତ ହେବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ମାନସିକ ଦୁଶ୍ଚିନ୍ତା ରହିବ । କୌଣସି ସୁସମ୍ବାଦ ଲାଭ କରିବେ । ରୋଜଗାରର ପରିମାଣ ବଢ଼ିବ । ଶାରୀରିକ ଅସୁସ୍ଥତା ଅନୁଭବ ହେବ । ବନ୍ଧୁ ଦର୍ଶନର ସୂଚନା । ଭ୍ରମଣ ଯୋଗ ରହିଛି ।



**ମକର:** ବନ୍ଧୁ ସହଯୋଗ ଲାଭ କରି ନିଜର କୃତକର୍ମର ଜୟଯୁକ୍ତ ଲାଭ କରିବେ । ବନ୍ଧୁ ମିଳନ ତଥା ବନ୍ଧୁ ମତାନ୍ତର ସୂଚନା । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ।



**କୁମ୍ଭ:** କୌଣସି କାର୍ଯ୍ୟରେ ମନ ଲାଗିବନାହିଁ । ଦୃଢ଼ ମନୋବଳ ଓ ସ୍ୱାଧିନ ଚେତ ପ୍ରବୃତ୍ତି କର୍ମ ପ୍ରାପ୍ତିର ଆଶଙ୍କା ଦୃଢ଼ କରିବ । ଆୟରେ ଅଗ୍ରଗତି ହେବ । ଘରେ ଶାନ୍ତି ଲାଭ । ଲୋକପ୍ରିୟତା ହାସଲ ହେବ ।



**ମୀନ:** ସମ୍ମାନ ଉପରେ ଆଞ୍ଚ ଆସିପାରେ । ଅଧିକ ପରିଶ୍ରମୀ ହେବେ । କର୍ମକ୍ଷେତ୍ରରେ ଆଧିପତ୍ୟ ବିସ୍ତାର ବିପଦ ସୃଷ୍ଟି କରିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୁଟୁମ୍ବେ କଳହ ଯୋଗ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୧।୧୨।୨୦୨୪, ପୌଷ ଦି୧୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୨୧।୨୫ଚନ୍ଦ୍ରୋଦୟ- ପ୍ରାଘ ୬/୪୨/୧୩ ସେକେଣ୍ଡ**

**ପ୍ରତିବାଦ-** ରାଘ ୩।୨୨ ପର୍ଯ୍ୟନ୍ତ । **ପୂର୍ବାଷାଢ ନକ୍ଷତ୍ର-** ରାଘ ୧୨।୦୩ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ନିଘ ୬।୦୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୩/୨୨ପରେ ବୋଇତ କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୭।୦୮ ମଧ୍ୟେ । ଦିଘ ୯।୦୭ ଗତେ ଘ ୧୧।୨୮ ମଧ୍ୟେ । **ପର୍ବୋତ୍ସବ-** ନିଶାନ୍ତ ଘ ୬।୦୧ ଗତେ ଶରଣ ଆରମ୍ଭ, ଇଂରାଜୀ ବର୍ଷ ଶେଷ।

30 YEARS
ସମ୍ବାଦ କଳିକା

# ବ୍ୟାଙ୍କ ଠକେଇରେ ୩୦୦% ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

# ମଫସଲି ବନାମ ସହରୀ



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଅଜବ ସହର। ଏଠି ସମସ୍ତେ ଗୋଟେ ଗୋଟେ କୁଣିଆ, ପରସ୍ପର ଅଚିହ୍ନା। ସମ୍ପର୍କ, ସ୍ନେହ, ଶ୍ରଦ୍ଧା, ବନ୍ଧୁପଣ ବା କାହୁଁ ଆସିବ? ସମସ୍ତେ ବାବୁ, ଗାଡ଼ିମଟର ପେଁ ପାଁ, ଜନଗହଳି, କିଣାବିକା, ସମସ୍ତେ ବ୍ୟସ୍ତ। ଆଖି ଝଲସା ନିଅନ ଆଲୁଅ, ଦିନରାତି ବାରି ହୁଏନି, ସବୁ ସମାନ। କେତେ ଲୋକ ଯାଉଛନ୍ତି, ଖାଲି ଚାଲି ଯାଉଛନ୍ତି, ପଦେ କଥା ନାହିଁ। ନାଲି ଟୁକୁ ଟୁକୁ ଓଠ, ରଙ୍ଗ ଢଙ୍ଗିଆ ଶାଢ଼ି, ଖୋଲା ରିକ୍ସାରେ ଯୋଡ଼ି ଯୋଡ଼ି ହୋଇ ବସି ମାଇପେ ସହର ବୁଲନ୍ତି। ମଫସଲ କଥା ପୂରା ଅଲଗା। ରାତି ପାହିଲେ ଯେଝା ଧନ୍ଦାରେ ଯେଝା। ଆଖି ବୁଲାଇଲେ ଖାଲି କ୍ଷେତବାଡ଼ି, ସବୁଜ ଶାଗୁଆ ଗଛଲତା। ଗାଁ ମଣିଷ ଭାରି ସରଳ, ପରସ୍ପରକୁ ଭଲପାଆନ୍ତି, ଖିଆପିଆ ଦିଆନିଆ। ଏଥିରେ ଭାବର ଆଦାନ ପ୍ରଦାନ, ଖୁସି ଆନନ୍ଦ। ମଫସଲିଆଟି ସହରକୁ ଆସେ। ମାଲି, ମୁକଦ୍ଦମା, ଝିଅ ନିର୍ବନ୍ଧ, ପୁଅ ବାହାଘର, ଭଲରେ ମନ୍ଦରେ ସେଇ ସହର ଭରସା। ସେଇଠି ଛୁଞ୍ଚିଠାରୁ ମୁକ୍ତାଯାଏ, ଯାହା ଖୋଜିଲେ ମିଳେ। ଗାଁ, ସହର, କେଉଁଠିରେ ମେଳ ଖାଏନା। ରୋଗ ବାଧିକା ପଡ଼ିଲେ, ଗାଁରେ ବଇଦ ଚିକିତ୍ସା କରେ। ପେଟରେ କୃମି, ସୁପର କନ୍ଦା ଛେଚି ପିଆଇ ଦିଅ। କିଛି ହେଲେ ବଇଦ କହେ ବାତ, କଫ, ପିତ୍ତ, ଏତିନିହେଁ ଏକାଠି ହେଲେ କଥା ଶେଷ। ଶାସ୍ତ୍ର କହିଛି, "ବାତ କଫ ପିତ୍ତ ଏକାଠି ହୋଇବେ ତଣ୍ଟି ଶୁଭୁଥିବ ଘଡ଼ ଘଡ଼ଘଡ଼ ଘଡ଼, ଆରେ ଶୁଖା ଖଡ଼ ଖଡ଼।" ମିଛ ମାୟା ସବୁ। ମିଛମାୟାରେ ପଡ଼ି ହେଉ ଲଡ଼ବଡ଼, ଲଡ଼ବଡ଼, ଆରେ ଶୁଖା ଖଡ଼ଖଡ଼। ଏମିତି ଭାବି ଚାଲିଛନ୍ତି ଗାଁରୁ ଆସିଥିବା ନଟବର। ମଗୁଶୀରରେ ବଡ଼ପୁଅ ବାହାଘର, ସହରରୁ ଲୁଗା କିଣିବ, ଆଉସବୁ ଜିନିଷ, ଘରୁ ବରାଦ ଅଛି, ତାକୁ ବି ସାଥିରେ ଧରି ଫେରିବ। କିଣାକିଣି କରୁ କରୁ ଛାଇ ଲେଉଟିଲା। ତାଙ୍କ ଗାଁର ଜଣେ ଚିହ୍ନା ମୋହରିର, ତାଙ୍କରି ଘରେ ସବୁ ଜିନିଷ ରଖିଦେଲା। ବାହାରିଲେ ସହର ବୁଲି। ଠାଏଁ ତାଙ୍କ ଆଖି ଲାଖିରହିଲା, ଚାଲିଛି ଫୁଟବଲ ମ୍ୟାଚ୍, ଲୋକେ ଗଦା ହୋଇଛନ୍ତି। ପାଟି କରୁଛନ୍ତି, ତାଳି ମାରୁଛନ୍ତି। ନଟବର ଏସବୁ ଦେଖି ତାଟଙ୍ଗା। ଫୁଟବଲ ଖେଳ, ଏଇଟା ତ ବିଲାତରୁ ଆମଦାନୀ, ପୂରା କଳିଆ ଖେଳ, କ'ଣ ପାଇଁ ଏହାପଛରେ ଏତେ ଲୋକ ପାଗଳ। ନିଜ ଉତ୍ସୁକତାକୁ ଆଉ ନିୟନ୍ତ୍ରଣରେ ରଖି ପାରିଲେନି। ଶେଷରେ ଦର୍ଶକମାନଙ୍କ ଭିଡ଼କୁ ପସିଗଲେ। ଗାଁ ମଣିଷଟି, ଫୁଟବଲ ଖେଳର ମଜାନେଲା, ହେଲେ ଫେରିଲା ଭଙ୍ଗାମନ ଖଣ୍ଡକ ନେଇ। ତା'ରି ତିକ୍ତ ମଧୁର ଅନୁଭୂତିକୁ ନେଇ ଗପଟେ ଲେଖିଲେ ଗୋପୀନାଥ ମହାନ୍ତି। ନାଁଟି 'ଅନହୁତି'। ଗାଁ ଜୀବନ ସହିତ ସହରୀ ଚଳଣିର ଏକ ଚମତ୍କାର ତୁଳନାତ୍ମକ ଚିତ୍ର ଦେଇଛନ୍ତି ଗାଳ୍ପିକ।

ସହରୀ ଜୀବନ ଯନ୍ତ୍ରଚାଳିତ। ରାସ୍ତାକଡ଼ରେ ଗୋଟାଏ ସହରିଆ ଚାହାଳି, ଖାଲି ଗର୍ଜନ ଶୁଭୁଛି, ପାଠ ଶୁଭୁନି, ନଟବର ପଛକୁ ପଛକୁ ଫେରିଯାଉଥିଲେ। ତାଙ୍କ ପିଲାଦିନ କଥା, ଓଡ଼ାଙ୍କ, ଫେଡ଼ାଙ୍କ, ପଣକିଆ ଘୋଷୁଥିଲେ, ପାଟିକରି ପଢୁଥିଲେ, ଏ ପିଲାଗୁଡ଼ାକ କ'ଣ କରୁଛନ୍ତି? ସେପଟେ କରତକଳ ଇଞ୍ଜିନ୍ ଗର୍ଜୁଛି, ଏପଟେ ପିଲାଙ୍କ କୋଳାହଳ, ସହର ପାଠ ତାହେଲେ ଏୟା! ଜୀବନଟା ଖାଲି ଜୁଆର ଭଟ୍ଟା, ନଈରେ ଜୁଆର ଆସେ, ଜୁଆର ଯାଏ, ସେମିତି ରୂପ ଯୌବନ ଧନ; ସନ୍ତାନ ସବୁକିଛି। ଗାଁ କଥା ତାଙ୍କର ମନେ ପଡୁଛି, ନଈକୂଳେ ଟୁଙ୍ଗୀ ବାନ୍ଧିଛି ବାବାଜୀଟା। ଚିଲମ ଧରେଇ ଦିଅନ୍ତା, ମନ ଜାଣି କଥା କହନ୍ତା ପଦେ – "ଦେଖ୍ ବାପା, ନଈରେ ଜୁଆର ଆସିଚି, ଏମିତିଆ ମଣିଷର ଘରକରଣା।" ଏଠି ନାହିଁ, ଏ ପରା ସହର!

ନଟର ନଡ଼ାଛପର ଘର, ମାଟିକାନ୍ଥ, ଚଟାଣ ଚିକଣ ପାଲିସ୍, କଂସାବାସନ କାଚପରି ଜିକ୍ ଜିକ୍ କରେ। ଦୁଆର ମୁହଁରେ କାଗେଜି ଗଛ, ଭାଲୁକୁଣୀ ପରି ବଢ଼ିଛି, ଫଳ ଅଜାଡ଼ି ଦଉଚି, ସେମିତି ବାରି, ତୋଟା, ପୋଖରୀ, ସମଗ୍ର ଘରକରଣା। ଶିକାରେ ଓହଳିଛି ଭଡ଼ାଭଡ଼ା ଆମ୍ବୁଲ ହାଣ୍ଡି, ବଡ଼ିହାଣ୍ଡି। ଗୁହାଳରେ ଛେଳି, ମେଣ୍ଢା, ଗୋରୁଗାଈ। ସଫାସୁତୁରା ଗୁହାଳ ତଳି, ମାଛି ଖସିପଡୁଛି ଗୋରୁଗାଈଙ୍କ ଦିହରୁ। ଏ ସବୁ କୁନାବୋଉର ଅବଦାନ। ଆଉ ସବୁ ମଫସଲିଆଣୀଙ୍କ ପରି ସେ ଅଜାଡ଼ି ଦେଉଛି, ଯୌବନ, ତା' ରକ୍ତ ତେଜ, ଦେହର ବର୍ଣ୍ଣ। କିନ୍ତୁ ଘର ସଜାଡ଼ି ଦେଇଛି। ମୋହରିର ବାବୁଙ୍କ ବସାଘର, ଇଟା କଂକ୍ରିଟରେ ତିଆରି, ନାହିଁ ଲିପାପୋଛା, ରାତି ପାହିଲେ ଦାଣ୍ଡଦୁଆରେ ଗୋବର ପାଣି ଛିଞ୍ଚୁ ନାହିଁ, ବାଲ୍ଟିଏ ପାଣି ଢାଳି ଦେଲେ ସବୁ ସଫାସୁତୁରା। ନଟବର ଭାବୁଛି, ସହରରେ ଏତେକଥା ଅଛି; ଅଳିହା, ଆବର୍ଜନା ତ କମ୍ ନାହିଁ? ମଶାମାଛିଙ୍କ ରାଜୁତି, ଡ୍ରେନ୍ର ପଚାଗନ୍ଧ। ନାଁ, ତା' ଗାଁ ଭଲ ତ ସେ ଭଲ।

ରାସ୍ତାକଡ଼ ବଡ଼ ପଡ଼ିଆରେ ଫୁଟବଲ ମ୍ୟାଚ୍ ଲାଗିଥିଲା। ଦି' ଦଳ, ଏପାଖେ ବାରିପଦା, ସେପାଖେ ଜୟପୁର। କାହିଁ କେତେ ଦୂରରେ, ଲୋକେ କୁହାକୁହି, ଦି' ଦଳ ଭାରି ଟାଣ, କେଇ ଗୋଲ ଖାଇନାହାନ୍ତି। ନଟ ମଗଜ ଧରୁନି। ଏ ଗୋଲ୍ଟା ତାହେଲେ କ'ଣ? ଯାହା ଶୁଣାଶୁଣିରେ ଜ୍ଞାନ। ଏପାଖେ ନୀଳ କାମିଜ, ସେପାଖେ ନାଲି କାମିଜ। ଚାଲିଛି ଖେଳ, ଦଉଡ଼ା ଦଉଡ଼ି, ଏମୁଣ୍ଡରୁ ସେମୁଣ୍ଡ ଯାଏ। ନଟ ମନ ଫିକା ପଡ଼ିଗଲା। ତାଙ୍କ ଗାଁ ଟୋକାଏ ଡାଳିମାଙ୍କୁଡ଼ି, ବୋହୂଚୋରି, ନଈବାଲିରେ ବାଗୁଡ଼ି ଖେଳନ୍ତି। ଗାଁ ଆଖଡ଼ା ଘରେ ଦଣ୍ଡବୈଠକ, ମୁଦ୍ଗର ବୁଲା, ବାଡ଼ିଖେଳ, ହିମ୍ମତବାଲା ପିଲେ ତଲବାର ଖେଳରେ ଓସ୍ତାଦ୍ ହେଇଗଲେଣି। ଏଇଟା କିବା ଖେଳ। ଚମଡ଼ା ବଲ୍ ଭିତରେ ପବନ। ବାଇଶିଟା ଭେଣ୍ଡା ଦଉଡ଼ା ଦଉଡ଼ି ହେଉଛନ୍ତି। ତା' ମନଟା ଫିକା ପଡ଼ିଗଲା। ପବନ ଫୁଲା ପେଣ୍ଡୁରେ ମଣିଷପଣର ପରଖ, ଏଇଥି ପାଇଁ ବାପା ମା' ପଇସା ଦେଇ ପାଠ ପଢ଼ାଉଛନ୍ତି, ପେଣ୍ଡୁକୁ ଗୋଇଠାମରା ଶିଖାଇବାକୁ? ବାଇଶିଟା ଭେଣ୍ଡିଆ, ଯୋଡ଼ାକୁ ଘୋଡ଼ା ସରି ନୁହେଁ। ଏମାନେ ଏକାଠି ହେଲେ ପାହାଡ଼ ଟେକି ଫୋପାଡ଼ି ଦେବେ, ମାଟି ତାଡ଼ି ପାରିବେ, ମାଡ଼ି ପାରିବେ, ଭାଙ୍ଗି ପାରିବେ, ଗଢ଼ି ଦେବେ। ଗାଁରୁ ଆସିଛି ନଟ, ଭାବୁଛି, ଏମାନଙ୍କ ବଳ ତ କମ୍ ନୁହେଁ। ଗୋଟେ ଗୋଟେ ହଳ ଧରିଲେ ବାଟିଏ ଜମି ଚଷି ଦେବେ, କେତେ କେତେ ସମତଳ ଭୂମି, କେଉଁଠି ଘାସ ତ କେଉଁଠି ବେଣା ବୁଦା। ବାଇଶ ଜଣ ଭେଣ୍ଡିଆ ମନ ଦେଲେ କ'ଣ ଜାତି ଜାତି ଫସଲ ଉପୁଜାନ୍ତେ ନାହିଁ? ଏଥିରେ ମନ ନାହିଁ, ଖାଲି ତାମସା, ସହରିଆଙ୍କ ଅଜବ ଖିଆଲ, କେଇଟା ବଦଖିଆଲି ଟୋକା ଛଇ ଦେଖଉଛନ୍ତି, ଆଉ ହଜାର ହଜାର ବାବୁ ମଜା ଦେଖୁଛନ୍ତି। ପେଟକୁ କଂସାଏ ପଖାଳ ଖାଇବେନି, ଚାରି ପଇସାର ସିଗାରେଟ୍ କିଣି ଧୂଆଁ ପିଇବେ। ସେମିତି ଏ। କାହିଁ ବାରିପଦା କାହିଁ ଜୟପୁର!

ଜୟପୁର ଦଳର ସେଇ କାଳିଆ ଟୋକାଟା, ହାଡୁଆମୁହାଁ, ଡେଙ୍ଗା, ବାଳ ଫୁରୁଫୁରୁ, ଚେପଟା ନାକ, ବେଶ୍ ଡେଙ୍ଗା, ବାହାଦୂରଟାଏ ଏକା। ପବନ ବେଗରେ ଧାଉଁଚି। ପଥର ପରି ମଣିଷଟା, ବଲ୍ଟା ଛଡ଼େଇ ନେଲା। ରୋଳ ଉଠିଲା। ଆଉ ଦଳେ ହାଲ୍ଲା କଲେ, "ଆରେ କନ୍ଧିଆ ମାରି ନେଲାରେ।" ଦେ, ଦେ ଲଗା କିକ୍, ଦେ ଗୋଲ୍ ଦେ! ଦଳେ ପାଟି କରୁଥାନ୍ତି, ଉତ୍ସାହ ତାଙ୍କର ଆକାଶ ଛୁଇଁଲା।

ନଟବର ଖେଳ ନିଶାରେ ମତ୍ତ। ଚୋରେଇ ଛପେଇ ନୂଆ ଚେତନାଟି ତା' ମନକୁ ଅଧିକାର କରିଛି। ଏଇଟା କିଛି ନୂଆ କଥାନୁହେଁ। ନିଜ ଦେଶ ଖେଳରେ ଭାଗ ନ ନେଉଥାଉ ପଛକେ, ଦେଖଣାହାରି ଜଣକ ଗୋଟେ ଦଳକୁ ଅଜାଣତରେ ସମର୍ଥନ କରିନିଏ। ନଟ ମନକୁ ବୁଝେଇ ଦେଲା, ଛଡ଼େଇ ନେବା ଆଦିମ ପ୍ରବୃତ୍ତି, ମାରିପିଟି ଛଡ଼େଇ ନେବାରେ ଅନେକ ଅଭ୍ୟସ୍ତ। ଯୋର ଯାହାର ମୂଳକ ତା'ର, ଶତ୍ରୁକୁ ଜିଣିବାକୁ ପଡ଼ିବ। ଆସୁ ପଛେ ବାଧା ବନ୍ଧନ। ନଟବର ଜଣେ ଚାଷୀ। ଅଙ୍ଗେ ନିଭେଇଛି, ଗାଁ ମୁକଦ୍ଦମା, ସାହି ମେଳି। ତା' ଜମି ଉଜୁଡ଼େଇ ଦେଲେ, ଘର ଉଚ୍ଛନ୍ନ ହେଇଗଲା। ଗୋଟାଏ ବିଧା, ଦି'ଟା ଚାପୁଡ଼ା, ସେତିକିରେ ମୁକଦ୍ଦମା, ତିନି ବରଷ ହେଲା ଚାଲିଛି, ଲଢ଼ିବାକୁ ପଡ଼ିବ, ହକ୍ ମାଗିବାକୁ ହବ। ସେମିତି ସେ କାଳିଆ ଜୟପୁରିଆ ଟୋକାଟା, ଜୀବନକୁ ବାଜି ଲଗେଇ ଦେଇଛି, ଗୋଲ ଦବ ହିଁ ଦବ। ନଟବର ନିଜକୁ ଖେଳୁଆଡ଼ ମଣୁଛି, ସେ ପିଲାଟିର ସୁଖଦୁଃଖ, ତା'ର ସୁଖଦୁଃଖ। ମନ ସାଫଲ୍ୟ ଖୋଜିଛି ତା'ରି ମାଧ୍ୟମରେ। ଏକପ୍ରକାର ଉଚ୍ଚାଟ ହେଇ ଯାଉଛି ନଟବର। ଚିତ୍କାର କରୁଛି, "ଲଗା, ଲଗା ଦେ ଗୋଲ୍ – ଦେ – ଦେ।" ଚିତ୍କାର କରି କରି କଣ୍ଠ ବସିଗଲାଣି, ଫଳଶୂନ, ଗୋଲ ନାହିଁ, ସବୁ ଫୁସୁକି ଯାଉଚି।

ହାପ୍ ଟାଇମ୍ ଗଲା, ଖେଳାଳିମାନେ ସୋଡ଼ାପିଇଲେ, ପଟ ଅଦଳ ବଦଳ ହେଲା, ପୁନଶ୍ଚ ଲଢ଼େଇ। ଏଥର ଜୟପୁର ଆଗକୁ ଚାପି ଚାଲିଛି। ନଟବର ଛତାଟାକୁ ଉପରକୁ ଛାଟି କୁଦାମାରୁଛି, ଆନନ୍ଦରେ ପ୍ରମତ୍ତ, କେତେବେଳେ ଲାଇନ୍ ଭିତରକୁ ପଶି ଯାଇଚି, ଲୋକଟି ଠେଲି ପଛକୁ ପେଲିଦଉଛି। କିଏ କହୁଛି, ଏଇଟା ମଫସଲିଆଟାରେ! ନୂଆ ଫୁଟବଲ୍ ଖେଳ ଦେଖୁଛି। ପାଟି ଶୁଭୁଚି, 'ଅପ୍ ଅପ୍' ତ ଆରପଟୁ 'ଡାଉନ୍ ଡାଉନ୍'। ନଟବର ବି କହୁଛି 'ଅପ୍ ଅପ୍' ଜୟପୁର। ମାଧିଆ ଭାଇ ନା ହୋଇ ହୋଇ। ନଟବର ଚାତକ ପରି ଚାହିଁଛି। ସେ କାଳିଆ ଟୋକା ଗୋଲ୍ ଦବ। ସତକୁ ସତ ବଲ୍ଟାକୁ ସେ ପବନ ବେଗରେ ନେଇଗଲା। ଗୋଲ୍ ପୋଷ୍ଟ ପାଖାପାଖି, କିଏ ଜଣେ କହିଦେଲା, "ଗଳାରେ ଘୋଡ଼ା ଧରଧର।" କଥାଟା ନଟବରକୁ ଭାରି ବାଧିଲା, ଏହାର ପ୍ରତିବାଦ ବି କଲା। ଚାଲିଲା କଳି ତକରାଳ। ନଟବର ବାରିପଦାପଟ ପିଲାକୁ କହିଲା ହାତୀ, ସେମାନେ ନଟବରକୁ କହିଲେ ଓଟ। ଆଉ ଜଣେ ଲୋକ ଭାରି ରାଗିଗଲା, "ଆରେ ତୁ ତ ଗଧ, କେଡ଼େ କେଡ଼େ କାନ ହେଇଛି।", ନଟବର ଜୋର୍କରି କସିଦେଲା ଚାପୁଡ଼ାଏ ତା' ଗାଲରେ। ସେଇ ସରୁଆ, ହାଡୁଆ ଲୋକଟା, ପୁଳିଏ ଦାଢ଼ି, ଟାକୁଆ ଗାଲ, ଆଖିରେ ଚଷମା, ମୁଣ୍ଡରେ ପଠାଣ ଟୋପି, ତିନିଘେରା ଦେଇ କଚାଡ଼ି ହୋଇ ପଡ଼ିଲା। ପୁଣି ଏକ ଶକ୍ତ ଚାପୁଡ଼ା, ତା' ପାଟିରୁ ରକ୍ତ ଗଜଗଜ ହେଇ ବାହାରିଲା। ମାଡ଼ଖିଆ ଲୋକଟା ଚିତ୍କାର କରୁଛି, "ଫଚ୍ଚ ଭାଇ, ମାର୍ ଡାଲାରେ।" ଚାହୁଁ ଚାହୁଁ ଦଳେ ମାଡ଼ି ଆସିଲେ, ଚାରି ଆଡ଼େ ଖାଲି "ମାରୋ ମାରୋ" ରବ। ଆଖି ପିଛୁଳାକେ ଲାଗିଲା ଫୌଜଦାରୀ, ବିଧା, ଠେଙ୍ଗା, ଟେକାବୃଷ୍ଟି, ଠେଲାପେଲା, ହୋ ହାଲ୍ଲା, ଖାଲି ବାଡ଼ିଆ, କିଏ କାହାକୁ ପିଟୁଛି ହିସାବ ନାହିଁ, କିଏ ହାଁ ହାଁ ରହ ରହ କହୁ କହୁ ତା' ପିଠିରେ ଦି' ପାହାର। ଠେଙ୍ଗା ବାଡ଼ି ଧରି ପୁଲିସ ଫଉଜ ପ୍ରବେଶ କଲା, 'ହଟୋ, ହଟୋ' 'ଭାଗୋ-ଭାଗୋ' – ଚାଲିଲା ଲାଠିମାଡ଼, ଭିଡ଼ ପତଳା ହେଇଗଲା। ପୁଲିସର ମୃଦୁ ଲାଠିମାଡ଼ରେ ନଟବର ନାକ ଫାଟିଯାଇଛି, ଭାଗ୍ୟକୁ ମୁଣ୍ଡଟା ରକ୍ଷା ହେଇଗଲା। ତେଣେ ବାରିପଦା ଗୋଲଦେଲା, ନଟବର ମନରେ ଆଉ ଈର୍ଷା ନଥିଲା। ମଫସଲର ସବୁଦିନିଆଁ ଆଶାବାଦ ସୂତ୍ର ଆଉଣ୍ଡି ହେଉଛି ନଟବର, ଭାବୁଛି – କେଡ଼େ ରିଷ୍ଟଟା ଆଜି କଟିଗଲା ଏହିବାଟେ। ସେ ଯାହା ଶୁଣିଥିଲା, ଗୋଟାପଣ ସତ, ଏଇ ଫୁଟବଲ୍ଟା ଗୋଟା କଳିଆ ଖେଳ! ଲାଭ କମ୍, ଲୋକସାନ ବେଶି।

ଜୀବନଟା ଗୋଟେ ଖେଳ, ଠିକ୍ ଭାବେ ଖେଳାଯାଉ, ଟିକେ ଆଡ଼ବାଙ୍କ ହେଲେ, ନିନ୍ଦା, ଅପବାଦ, ତିରସ୍କାର। ଠିକ୍ ସେମିତି ଜାତୀୟ ଆନ୍ତର୍ଜାତୀୟ ଖେଳ। ଖେଳ ତ ଖେଳାଯାଉଛି, ଅନେକତ୍ର ଖେଳୁଆଡ଼ ମନୋଭାବ ଊଣା ପଡ଼ିଛି। ଅଧୁନା ଖେଳ କହିଲେ କେବଳ କ୍ରିକେଟ୍କୁ ବୁଝନ୍ତି ଯୁବପିଢ଼ି। ଏଇଟି ଦାମୀ ଖେଳ; କିନ୍ତୁ ଦୌଡ଼କୁଦ, ଡିଆଁଡେଇଁ, ଆହୁରି ଅନେକ କସରତର ସୁଯୋଗ ସୃଷ୍ଟି କରେ। ଏଥିପ୍ରତି ସେମାନଙ୍କର ଆଦର ନାହିଁ, ଏପରିକି ଜାତୀୟଖେଳ ହକିର ବି। ଏଇଟି ଶୁଭ ଲକ୍ଷଣ ନୁହେଁ। ନୈପୁଣ୍ୟ ପ୍ରଦର୍ଶନ ମାନବର ଶ୍ରେଷ୍ଠଧର୍ମ। କେବଳ କ୍ରୀଡ଼ା କାହିଁକି କଳା, ସଂସ୍କୃତି, ସାହିତ୍ୟର ବହୁ ଦିଗ ଅଛି। ଏଥିରେ ପାରଦର୍ଶିତା ଦେଖା ଯାଇପାରେ।

ମଣିଷର ଆଭିମୁଖ୍ୟ ବଦଳୁ, ଯେଉଁଟା ଦେଶ, ଜାତି ପାଇଁ କୀର୍ତ୍ତି ଖ୍ୟାତି ଆଣିବ, ସେଇ ପ୍ରକାର କଥାରେ ଧ୍ୟାନ ଦେବା ଜରୁରୀ। ଖେଳନୁହେଁ ଖେଳୁଆଡ଼ ମନୋଭାବ ତାତ୍ପର୍ଯ୍ୟପୂର୍ଣ୍ଣ, ଏଥିରେ ଭଟା ପଡ଼ିଲେ, ସ୍ୱତଃ ମନରେ ପ୍ରଶ୍ନ ଆସେ, ଏଇଗୁଡ଼ାକ କଳିଆ ଖେଳ ନୁହେଁ ତ!

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)
ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)
ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)
ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)
ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ପର୍ବତ ସୁରକ୍ଷା ଦିବସ



ଦିପ୍ତିମୟୀ ନାୟକ

ମୋ-୯୦୯୦୬୬୧୫୮୬
ଅନ୍ଧାରୁଆ, ଭୁବନେଶ୍ୱର

ମାନବ ସମାଜ ପାଇଁ ପ୍ରକୃତିର ବହୁତ ଅବଦାନ ରହିଛି। ଏହିସବୁ ମଧ୍ୟରେ ପର୍ବତ ବା ପାହାଡ଼ର ଅବଦାନ ଅନ୍ୟତମ। ଯେପରିକି ପ୍ରକୃତିର ଅନନ୍ୟ ସୌନ୍ଦର୍ଯ୍ୟ ଗଛଲତା, ପ୍ରାଣୀ, ଉଦ୍ଭିଦ, ପାହାଡ଼, ପର୍ବତ ଆଦିର ଭାରସାମ୍ୟ ରକ୍ଷା କରିବାପାଇଁ ମନୁଷ୍ୟର ଭୂମିକା ଅତୁଳନୀୟ ରହିଛି। ଏ ଜଗତର ଭାରସାମ୍ୟ ରକ୍ଷା କରିବାକୁ ହେଲେ ମନୁଷ୍ୟକୁ ସର୍ବପ୍ରଥମେ ସଚେତନ ହେବାକୁ ପଡିବ ତେବେ ଯାଇ ଆମ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ରକ୍ଷା କରିହେବ।

ପ୍ରକୃତି ଆମ ମନୁଷ୍ୟ ସମାଜକୁ ବହୁତ କିଛି ଦେଇସାରିଲାଣି। ଏବେ ସମୟ ଆସିଛି ଆମେ ଆମ ପ୍ରକୃତିକୁ କିଛି ଦେବା। ଯଦି ଆମେମାନେ ପ୍ରକୃତି ପାଇଁ କିଛି ସଚେତନ ବାର୍ତ୍ତା ନଦେବା ତେବେ ଆଗାମୀ ପିଢ଼ି ପାଇଁ ବହୁତ କଷ୍ଟକର ହୋଇପଡିବ। ତେବେ ଅନ୍ତଃରାଷ୍ଟ୍ରୀୟ ସମୁଦାୟ ପାର୍ବତୀୟ କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଜନଚେତନା ସୃଷ୍ଟି କରାଯାଉଛି। ଏହା ସତ୍ତ୍ୱେ ପାହାଡ଼ ଗୁଡିକରୁ ପଥର ନିଆଯାଇ ସେ ସବୁକୁ ନିଶ୍ଚିହ୍ନ କରି ଦିଆଯାଉଛି। ପୃଥିବୀର ପାଖାପାଖି ୨୨ ଅଂଶରେ ପାହାଡ଼ ରହିଛି। ଯେଉଁଠି ବିଶ୍ୱ ଜନସଂଖ୍ୟାର ୧୩ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ପାର୍ବତ୍ୟାଞ୍ଚଳରେ ରହୁଥିବା ଲୋକମାନଙ୍କ ବିକାଶ ଓ ସୁରକ୍ଷା ଉପରେ ସରକାର ଧ୍ୟାନ ରଖିଛନ୍ତି। ଏହା ସତ୍ତ୍ୱେ ଜୀବିକା ପାଇଁ ପୋଡୁ ଚାଷ ଏବଂ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଉଦ୍ଦେଶ୍ୟରେ ପାହାଡ଼ ପର୍ବତ ଅଞ୍ଚଳରେ ରହୁଥିବା ଲୋକମାନେ ଜଙ୍ଗଲରେ ନିଆଁ ଲଗେଇ ଦିଅନ୍ତି। ଏହି ନିଆଁ ଲଗା କାମ ପ୍ରାୟତଃ ଜାନୁଆରୀ ମାସରୁ ଆରମ୍ଭ କରି ମଇ ମାସ ଯାଏଁ ଚାଲିଥାଏ। ଏହି ସମୟ ମଧ୍ୟରେ ଜଙ୍ଗଲରୁ ବିଭିନ୍ନ ଫଳ ମୂଳ, କୋଳି, କେନ୍ଦୁ ପତ୍ର, ମହୁଲ, ଶାଳ ମଞ୍ଜି ଆଦି ଲୋକମାନେ ସଂଗ୍ରହ କରନ୍ତି। ଜଙ୍ଗଲକୁ ପରିଷ୍କାର କରିଲେ ଏସବୁ ସଂଗ୍ରହ କରିବା ସୁବିଧାଜନକ ହୋଇଥାଏ କିନ୍ତୁ ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା ଛୋଟ ଛୋଟ ବର୍ଷା ଦିନିଆଁ ଗଛ, ଘାସ, ଲତା ଆଦି ଶୁଖି ଯାଇଥିବାରୁ ସମଗ୍ର ଜଙ୍ଗଲରେ ନିଆଁ ଲାଗିଯାଏ। ଏହା ଫଳରେ ଜଙ୍ଗଲ ଧ୍ୱଂସ ହେବା ସହ ମାଟି ବର୍ଷା ପାଣିରେ ଧୋଇ ହୋଇଯାଏ। ପରବର୍ତ୍ତୀ ସମୟରେ ପର୍ବତ ଗୁଡିକ ପଥୁରିଆ ହୋଇ ସବୁଜିମା ଶୂନ୍ୟ ହୋଇଯାଏ। ଏହିଭଳି ପାହାଡ଼ ଗୁଡିକୁ ପଥର ଖଣି ଭାବରେ କ୍ରସର ମାଲିକ ମାନଙ୍କୁ ଲିଜ ଦିଆଯାଇ ପାହାଡ଼ ଗୁଡିକୁ ନିଶ୍ଚିହ୍ନ କରିବାର ପ୍ରକ୍ରିୟା ଶେଷ କରିଦିଆଯାଏ। ଏହି ପ୍ରକ୍ରିୟାରେ ତିରିଶଟି ଯାକ ଜିଲ୍ଲାର ଅନେକ ପାହାଡ଼ ନିଶ୍ଚିହ୍ନ ହୋଇଯାଇଛି। ନିଆଁ ଲଗାଇ ଜାନୁଆରୀ ମାସ ଠାରୁ ପାହାଡ଼ ଗୁଡିକର ବିଲୁପ୍ତି ପ୍ରକ୍ରିୟା ଆରମ୍ଭ କରାଯାଉଥିବାରୁ ଜାନୁଆରୀ ପହିଲାକୁ ପର୍ବତ ସୁରକ୍ଷା ଦିବସ ଭାବରେ ପାଳନ କରିବା ପାଇଁ ଜନଚେତନା ସୃଷ୍ଟି କରାଯିବା ଆବଶ୍ୟକ।

# ନିରନ୍ତର ଆଇନଶିକ୍ଷା ଓ ଆଡଭୋକେଟ୍ ଏକାଡେମୀ

ବିଭୁପ୍ରସାଦ ତ୍ରିପାଠୀ

(ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ)
(ମୋ-୯୪୩୭୦୧୨୪୬୦)

ରାଜ୍ୟର ଆଇନଜୀବୀ ମାନଙ୍କ ସର୍ବବୃହତ୍ ଓ ସର୍ବ-ପୁରାତନ ସଂଗଠନ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ ତମବାର୍ଷିକ ଉତ୍ସବ ପାଳନ ଅବସରରରେ ନିରନ୍ତର ଆଇନ ଶିକ୍ଷା ପ୍ରସଙ୍ଗ ଓ ଆଡଭୋକେଟ୍ ଏକାଡେମୀର ଭୂମିକା ଗୋଟିଏ ଭିନ୍ନ ଧରଣର ଆହ୍ୱାନ ସଷ୍ଟି କରିଛି। ଆଇନଜୀବୀ ମାନେ ଜୀବନବ୍ୟାପୀ ଜଣେ ଛାତ୍ର, କାରଣ ଆଇନ ବିଷୟରେ ଅଧ୍ୟୟନ କେବଳ ଆଇନ କଲେଜ କିମ୍ବା ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ପରେ ଶେଷ ହୁଏନାହିଁ। ଏଥିପାଇଁ ଜୀବନ ବ୍ୟାପୀ ସାଧନା କରିବାକୁ ହୁଏ। କାରଣ ଆଇନ ପେଷାରେ ପାଦଦେବା ପରେ ଜଣେ ଆଇନଜୀବୀ କେବଳ ଜଣେ ଆଇନର ଛାତ୍ର ନୁହେଁ, ନ୍ୟାୟାଳୟରେ ଆଇନର ବିକାଶ ଓ ପ୍ରଗତିଶୀଳ ବ୍ୟାଖାନ ପାଇଁ ଶିକ୍ଷକର ଭୂମିକାଟିଏ ମଧ୍ୟ ଗ୍ରହଣ କରିଥାଏ।

ଆଇନଶିକ୍ଷା ଓ ବୃତ୍ତିଗତ ତାଲିମ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଭାରତୀୟ ଆଇନ କମିଶନ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସତ୍ତ୍ୱେ ଏସମ୍ପର୍କରେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ଏହାର ଫଳସ୍ୱରୂପ ଆମ ଦେଶରେ ଓ ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ପ୍ରସଙ୍ଗରେ ଆଇନଜୀବୀ ମାନଙ୍କ ମଧ୍ୟରେ ବିଶେଷ ପ୍ରଭାବ ପକାଇ ପାରିନାହିଁ। ବିଶ୍ୱର ଅନେକ ଦେଶରେ ଆଇନଜୀବୀ ମାନଙ୍କ ପ୍ରଶିକ୍ଷଣ, ଆଇନ ଶିକ୍ଷା ଓ ବାର୍ ପରୀକ୍ଷାଜାରି ରଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରିକି କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁନଥିବା ଆଇନଜୀବୀଙ୍କ ଆଇନପେଷାର ଲାଇସେନ୍ସ ନବୀକରଣ ମଧ୍ୟ କରାଯାଉନାହିଁ।

ଆମେରିକା, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ ଓ ଇଟାଲି ଭଳି ଦେଶ ଗୁଡ଼ିକରେ ଆଇନଜୀବୀମାନେ ଆଇନ ପେଷାରେ ଯୋଗଦେବା ପରେ ସେମାନଙ୍କର ନିରନ୍ତର ଆଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଇଛି। କେତେକ ଦେଶରେ ଏହି ଆଇନ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଏପରି ଢାଞ୍ଚାରେ କରାଯାଇଛି ଯେ ଜଣେ ଆଇନଜୀବୀ ପ୍ରତ୍ୟେକ ବର୍ଷ କିଛି ନିର୍ଦ୍ଦିଷ୍ଟ ଘଣ୍ଟା ପାଇଁ ନିଜସ୍ୱ ଅର୍ଥରେ ଏହି ପୋଶାଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଧ୍ୟ। ସତୁରି ଦଶକପରଠାରୁ ଏହି ଦେଶ ଗୁଡ଼ିକରେ ଏଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହି ଦେଶ ଗୁଡିକରେ ପ୍ରଥମ ଅବସ୍ଥାରେ ଆଇନଜୀବୀ ମାନଙ୍କ ମଧ୍ୟରେ ଏଭଳି ବୃତ୍ତିଗତ ପ୍ରଶିକ୍ଷଣକୁ ନେଇ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇନଥିଲା ଏପରିକି କେତେକ ସ୍ଥଳରେ ବିରୋଧାଭାଷ ଦେଖା ଦେଇଥିଲା। ପରିବର୍ତ୍ତନର ଏହି ଧାରା କେବଳ ବାଧ୍ୟତାମୂଳକ ଲାଇସେନ୍ସ ନବୀକରଣ ମାଧ୍ୟମରେ ସମ୍ଭବପର ହୋଇଥିଲା।

ବୃତ୍ତିଗତ ବିକାଶ ଗୋଟିଏ ଆଜୀବନ ପ୍ରକ୍ରିୟା। ଯାହା ବୃତ୍ତିର ପରିବର୍ତ୍ତିତ ଆବଶ୍ୟକତା ବିଷୟରେ ନିଜକୁ ଅବଗତ କରାଇଥାଏ। ଯେକୌଣସି ଗୋଟିଏ ବିକାଶଶୀଳ ଅର୍ଥନୀତି ପାଇଁ ମାନବ ସମ୍ବଳର ବିକାଶ ହେଉଛି ସର୍ବୋଚ୍ଚ ପ୍ରାଥମିକ। ଠିକ୍ ସେହିପରି ଦେଶରେ ଆଇନର ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସେହି ଦେଶରେ ଆଇନ ପେଷାରେ ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତରରେ ଆଇନ କାନୁନର ଯେଉଁ ଅଭିବୃଦ୍ଧି ଘଟିଛି ସେହି କ୍ଷେତ୍ର ଗୁଡ଼ିକରେ ନିରନ୍ତର ପ୍ରଶିକ୍ଷଣ ନଦେଲେ ନ୍ୟାୟିକ ଭିତ୍ତିଭୂମି ଗୁଡ଼ିକ ଦୁର୍ବଳ ହୋଇପଡ଼ିବ।

ଆମ ଦେଶରେ ୧୯୮୩ ମସିହାରେ ବିଚାରପତି ମାନଙ୍କୁ ନିରନ୍ତର ଆଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ନ୍ୟାସନାଲ୍ ଜୁଡିସିଆଏଲ୍ ଏକାଡେମୀ, ଭୋପାଳ ଠାରେ ପ୍ରତିଷ୍ଠା କରାଯାଇଥିଲା। ସେଥିପାଇଁ ଜାତୀୟ ସ୍ତରରେ ମଧ୍ୟ ନ୍ୟାୟିକ ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ସବୁ ସ୍ତରର ବିଚାର ବିଭାଗୀୟ ଅଫିସର ମାନଙ୍କ ପାଇଁ ଗୋଟିଏ ପାଠ୍ୟକ୍ରମର ଖସଡ଼ା ମଧ୍ୟ ତିଆରି କରାଯାଇଛି। ଏହି ଅନୁଷ୍ଠାନ ଗଠନ ବେଳେ କେନ୍ଦ୍ର ସରକାର ଏକଥା ଉପଲବ୍ଧି କରିଥିଲେ ଯେ କେବଳ ଦେଶରେ ଅଧିକ ସଂଖ୍ୟାରେ କୋର୍ଟ ଖୋଲିଲେ କିମ୍ବା ବିଚାରପତି ନିଯୁକ୍ତ କଲେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ପାରିବନାହିଁ, ଏଥିପାଇଁ ବିଚାରପତି ମାନଙ୍କ ନ୍ୟାୟିକ ଦକ୍ଷତା ଓ ଜ୍ଞାନରେ ଅଭିବୃଦ୍ଧିର ଆବଶ୍ୟକତା ରହିଛି। କିନ୍ତୁ ଏହି ଦକ୍ଷତା ଓ ଜ୍ଞାନର ରୂପ-ଭେକ, ଚିତ୍ର-ଚରିତ୍ର ମଧ୍ୟ ଏପରି ହେବାର ଆବଶ୍ୟକତା ରହିଛି, ଯାହାର ଫଳସ୍ୱରୂପ ବିଚାରପତି ମାନେ ସେମାନଙ୍କର ନ୍ୟାୟିକ ସ୍ୱାଧୀନତାକୁ ନ ହରାଇ, କାର୍ଯ୍ୟପାଳିକାର ଆଇନ ବହିର୍ଭୂତ କାର୍ଯ୍ୟର ସଠିକ୍ ନ୍ୟାୟିକ ସମୀକ୍ଷା କରିପାରିବା ପ୍ରସଙ୍ଗରେ ମଧ୍ୟ ଏହି ଏକାଡେମୀର ପ୍ରତିଷ୍ଠାବେଳେ ବିଚାର ବିମର୍ଷ ହୋଇଥିଲା।

ଚଳିତ ବର୍ଷର ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅର୍ଥନୈତିକ ପ୍ରଯୁକ୍ତି ବିଦ୍ୟା ଓ ଆଇନଗତ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ଠାରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସେହି କର୍ମଶାଳାରେ ଭାଗନେବା ଅବସରରରେ ଚିନ୍ତାମଗ୍ନ ହୋଇଥିଲି ଯେ ଆଜି ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ ସଂସ୍କାର ଆସିଛି ଓ ନ୍ୟାୟିକ ବ୍ୟବସ୍ଥା ପାଇଁ ଯେଉଁ ଆହ୍ୱାନଆଣିଛି, ତାହାକୁ ସାମ୍ନା କରିବା ଲାଗି ଆଇନଜୀବୀ ମାନଙ୍କ ପାଇଁ ଏଭଳି ନୂଆ ବିଷୟବସ୍ତୁ ଗୁଡ଼ିକରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ଅଛି। କେବଳ ଅଧିକ ଅର୍ଥ ବ୍ୟୟ କରି ଜଣେ ଉଚ୍ଚ ବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କଲେ ଆଇନପେଷା କ୍ଷେତ୍ରରେ ଆସୁଥିବା ଆହ୍ୱାନ ଗୁଡ଼ିକୁ ସାମ୍ନା କରିବାର ଦକ୍ଷତା ହାସଲ କରିପାରିବନାହିଁ। ଆଇନ କଲେଜ ଗୁଡ଼ିକରେ ଆଜି ପଢ଼ାଯାଉଥିବା ପାଠ୍ୟକ୍ରମ, ବିଗତ ତିରିଶ ବର୍ଷ ତଳର ଆଇନ ପାଠ୍ୟକ୍ରମ ଠାରୁ ଭିନ୍ନ ନୁହେଁ।

ଆମ ଦେଶର ଆଇନ ପାଠ୍ୟକ୍ରମ ଗୁଡ଼ିକ ମଧ୍ୟ ଏଭଳି ଢାଞ୍ଚାରେ ତିଆରି କରାଯାଇ ନାହିଁ, ଯାହାର ଫଳସ୍ୱରୂପ ଜଣେ ଆଇନଛାତ୍ର ପାଠ ପଢ଼ିବା ସମୟରେ ମଧ୍ୟ ଆଇନକୁ କିଭଳି ନିଜର ପେଶାଗତ ଜୀବନରେ ବ୍ୟବହାର କରିପାରିବ ସେଥିପାଇଁ ପ୍ରଥମ ବର୍ଷରୁ କୌଣସି ପ୍ରଶିକ୍ଷଣ ଦିଆଯାଉ ନାହିଁ। ଇଣ୍ଟରନସିପ୍ ଅର୍ଥାତ ପ୍ରଶିକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ମାନେ ଯୋଗଦେଉଥିବା ଅଧିକାଂଶ ଲ୍ ଫାର୍ମ ଗୁଡ଼ିକ ଓ ଆଇନଜୀବୀ ମାନଙ୍କ ଅଫିସରେ କିମ୍ବା ବିଚାରାଳୟ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱର ସହ କେହି ଗ୍ରହଣ କରୁନାହାନ୍ତି। ଫଳସ୍ୱରୂପ ପ୍ରତ୍ୟେକ ବର୍ଷ ଦେଶରେ ଆଇନ ପାଠ୍ୟକ୍ରମର ଡିଗ୍ରୀ ହାସଲ କରୁଥିବା ଅନେକ ଆଇନ ଛାତ୍ରଛାତ୍ରୀ, ପରିବର୍ତ୍ତୀ ଅବସ୍ଥାରେ ଆଇନ ଜ୍ଞାନର ବ୍ୟବହାରକୁ ଛାଡ଼ି ଅନ୍ୟାନ୍ୟ ବୃତ୍ତିରେ ଯୋଗଦେଉଛନ୍ତି।

ଆଇନଜୀବୀ ମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି ଭାରତୀୟ ବାର୍ କାଉନସିଲର ପକ୍ଷରୁ ଯେଉଁ ଉଦ୍ୟମ କରାଯାଇଥିଲା, ତାହାକୁ ସରକାରୀ ସ୍ତରରରେ ଅଧିକ ପ୍ରୋତ୍ସାହନ ଦିଆଯାଇନଥିବାରୁ କୌଣସି ରାଜ୍ୟରେ ଆଡଭୋକେଟ୍ ଏକାଡେମୀ ଗଠନ କରାଯାଇ ନାହିଁ। କେରଳ ରାଜ୍ୟରେ ଦେଶର ପ୍ରଥମ ଏସ୍.କେ. ନାମ୍ବିୟାର ଆଡଭୋକେଟ୍ ଏକାଡେମୀଟି ଏବେ ଅଚଳାବସ୍ଥାରେ ପଡ଼ିରହିଛି। ଠିକ୍ ସେହିପରି ଝାଡ଼ଖଣ୍ଡ ରାଜ୍ୟର ଆଡଭୋକେଟ୍ ଏକାଡେମୀ କେବଳ କାଗଜ କଲମରେ ସୀମିତ ରହିଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ହେଲେ ରାଜ୍ୟ ଜୁଡିସିଆଲ୍ ଏକାଡେମି ଭଳି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ରାଜ୍ୟ ବାର୍ କାଉନସିଲ ନେତୃତ୍ୱରେ ଆଡଭୋକେଟ୍ ଏକାଡେମୀ ପ୍ରତିଷ୍ଠା ହେବାର ଆବଶ୍ୟକତା ପରିଲକ୍ଷିତ ହେଉଛି। ତ୍ୱରିତ ନ୍ୟାୟ ଓ ଗୁଣାତ୍ମକ ନ୍ୟାୟ ପାଇଁ ଆଇନଜୀବୀ ମାନେ ନ୍ୟାୟିକ ପ୍ରଶାସନିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ ବୋଲି ରାଜ୍ୟର ନୂତନ ସରକାର ଉପଲବ୍ଧି କଲେ, ଆମ ରାଜ୍ୟର ଶାସନ ବ୍ୟବସ୍ଥାରେ ଆଡଭୋକେଟ୍ ଏକାଡେମୀ ଏକ ନୂଆ ଫର୍ଦ୍ଦ ଭାବେ ଯୋଡ଼ି ହେବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ବକ୍ସିଂ ଡେ’ ଟେଷ୍ଟ : କ୍ୟାଚ୍ ମିସ୍ ଓ ନୋ ବଲ୍ ପାଇଁ ଭାରତକୁ ପଡ଼ିଲା ମହଙ୍ଗା

**ମେଲବର୍ଣ୍ଣ**

ଐତିହାସିକ ମେଲବର୍ଣ୍ଣରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ତଥା ବକ୍ସିଂ ଡେ’ ଟେଷ୍ଟରେ ସୁଯୋଗ ହାତ ଛଡ଼ା କରିଛି ଟିମ୍ ଇଣ୍ଡିଆ। ୪ର୍ଥ ଦିନରେ ଘରୋଇ ଅଷ୍ଟ୍ରେଲିଆ ଚାପରେ ଥିଲେ ହେଁ ଏହାର ଫାଇଦା ଉଠାଇ ପାରିନାହିଁ ଭାରତ।

କ୍ୟାଚ୍ ମିସ୍ ଓ ନୋ ବଲ ଯୋଗୁ ନାଥନ ଲାୟନ ଓ ସ୍କଟ୍ ବୋଲାଣ୍ଡ ଅଷ୍ଟ୍ରେଲିଆକୁ ବିପଦରୁ ଉଦ୍ଧାର କରିଛନ୍ତି। କଙ୍ଗାରୁ ଟିମ୍ ୧୭୩ ରନରେ ୯ମ ୱିକେଟ ହରାଇଥିଲା। କିନ୍ତୁ ଲାୟନ ଓ ବୋଲାଣ୍ଡ ଶେଷ ୱିକେଟ ପାଇଁ ଅବିଭାଜିତ ୫୫ ରନ ଯୋଡ଼ି ଭାରତ ଠାରୁ ମ୍ୟାଚ୍‌କୁ ବହୁ ଦୂରକୁ ନେଇ ଯାଇଛନ୍ତି।

ଲାୟନ ୫ ରନ କରିଥିବା ବେଳେ ମହମ୍ମଦ ସିରାଜ୍ ନିଜ ବୋଲିଂରେ କ୍ୟାଚ୍ ସୁଯୋଗ ସୃଷ୍ଟି କରିଥିଲେ। ହେଲେ ଏହାକୁ ସେ ନିଜେ ହିଁ ଧରିବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ଲାୟନ ରବିବାର ଖେଳ ଶେଷ ହେବା ଯାଏ ବ୍ୟକ୍ତିଗତ ଭାବେ ୪୧ ରନରେ ପହଞ୍ଚି ଯାଇଛନ୍ତି।

ସେହିପରି ଇନିଂସର ୮୨ତମ ଓଭରରେ ଯଶପ୍ରୀତ ବୁମ୍‌ରାଙ୍କ ବଲରେ ଲାୟନ ଆଉଟ ହୋଇଥିଲେ। କିନ୍ତୁ ବୁମ୍‌ରା ନୋ ବଲ ପକାଇଥିବାରୁ ଲାୟନ ପୁଣି ବ୍ୟାଟିଂ କରିଥିଲେ। ଏହି କ୍ୟାଚ୍ ମିସ୍ ଓ ନୋ ବଲ ଭାରତକୁ ବେଶ୍ ମହଙ୍ଗା ପଡ଼ିଛି। ଏହାପୂର୍ବରୁ ଯଶସ୍ୱୀ ଜୈସୱାଲ ମଧ୍ୟ ଲାବୁଶେନଙ୍କ ଦୁଇଟି କ୍ୟାଚ୍ ହାତ ଛଡ଼ା କରିଥିଲେ।

୪ର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ୯ ୱିକେଟ ହରାଇ ୨୨୮ ରନ କରିନେଇଛି। ଏଥିସହ ଲିଡ୍‌କୁ ୩୩୩ ରନରେ ପହଞ୍ଚାଇ ଦେଇଛି। ଭାରତକୁ ଶେଷ ଦିନରେ ଅତି କମରେ ୩୪୦ରୁ ୩୫୦ ରନର ବିଜୟ ଲକ୍ଷ୍ୟ ଅଷ୍ଟ୍ରେଲିଆ ଦେଇପାରେ।

କେବଳ ୨୦୨୧ରେ ଗାବାରେ ଯେଉଁଭଳି ଭାବେ ଭାରତ ଶେଷ ଦିନରେ ୩୨୮ ରନର ବିଜୟ ଲକ୍ଷ୍ୟକୁ ଚମତ୍କାର ଢଙ୍ଗରେ ହାସଲ କରିଥିଲା, ସୋମବାର ମେଲବର୍ଣ୍ଣରେ ସେମିତି କିଛି କରିବାର ରହିଛି।

ଭାରତ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୯ ୱିକେଟ ହରାଇ ୩୫୮ ରନ କରିଥିଲା। ରବିବାର ଆଉ ୧୧ ରନ ପରେ ଦଳ ଶେଷ ବ୍ୟାଟର ଭାବେ ନୀତୀଶ କୁମାର ରେଡ୍ଡୀଙ୍କୁ ହରାଇଥିଲା। ସେ ୧୧୪ ରନରେ ଆଉଟ ହୋଇଥିଲେ। ଭାରତ ୩୬୯ ରନରେ ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆକୁ



୧୦୫ ରନର ଲିଡ୍ ମିଳିଥିଲା।

ପ୍ରଥମ ଇନିଂସରେ ୪୭୪ ରନ କରିଥିବା ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଇନିଂସରେ ବୁମ୍‌ରା ଓ ସିରାଜ ଯୋଡ଼ି ଘାଣ୍ଟିଥିଲେ। ଗୋଟିଏ ପଟେ ମାର୍ନସ ଲାବୁଶେନ ରହିଥିବା ବେଳେ ଅନ୍ୟପଟେ ଗୋଟିଏ ପରେ ଗୋଟିଏ ୱିକେଟ ଝଡ଼ି ଚାଲିଥିଲା। ଏହାର ଆରମ୍ଭ ବୁମ୍‌ରା କରିଥିଲେ। ସେ ପ୍ରଥମେ ଡେବ୍ୟୁଟାଣ୍ଟ ସାମ କୋନଷ୍ଟାସ(୮)ଙ୍କୁ ବୋଲ୍ଡ କରିଥିଲେ। ଉସମାନ ଖ୍ୱାଜା ୨୧ ରନ କରି ସିରାଜଙ୍କ ବଲରେ ବୋଲ୍ଡ ହୋଇଥିଲେ। ଷ୍ଟିଭ ସ୍ମିଥ(୧୩) ମଧ୍ୟ ସିରାଜଙ୍କ ଶିକାର ବନିଥିଲେ।

ପ୍ରଥମ ଇନିଂସରେ ଖାତା ଖୋଲି ପାରି ନଥିବା ଇନଫର୍ମ ଟ୍ରାଭିସ ହେଡ୍ ସୋମବାର କେବଳ ୧ ରନ କରି ପୁଣି ବୁମ୍‌ରାଙ୍କ ବଲରେ ଆଉଟ ହୋଇଛନ୍ତି। ମିଚେଲ ମାର୍ଶ(୦) ଓ ଆଲେକ୍ସ କେରୀ(୨)ଙ୍କୁ ଆଉଟ କରି ବୁମ୍‌ରା କଙ୍ଗାରୁ ଟିମ୍‌କୁ ୯୧ ରନରେ ୬ଷ୍ଠ ଝଟ୍‌କା ଦେଇଥିଲେ। ଏତିକି ବେଳେ ଲାବୁଶେନ ଓ ଅଧିନାୟକ ପାଟ କମିନ୍ସ ସ୍ଥିତି ସମ୍ଭାଳିଥିଲେ। ଉଭୟ ୭ମ ୱିକେଟ ପାଇଁ ୫୭ ରନ ଯୋଡ଼ିଥିଲେ। ଲାବୁଶେନଙ୍କ ବ୍ୟାଟରୁ ପୁଣି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ଦଳୀୟ ସ୍କୋର ୧୪୮ ରନ ଥିବା ବେଳେ ସିରାଜ ୭୦ ରନ କରିଥିବା ଲାବୁଶେନଙ୍କୁ ଆଉଟ କରିଥିଲେ। ମିଚେଲ ଷ୍ଟାର୍କ ମଧ୍ୟ କେବଳ ୫ ରନ କରି ରନ ଆଉଟ ହୋଇଯାଇଥିଲେ। ଦଳୀୟ ସ୍କୋର ୧୭୩ ଥିବା ବେଳେ ଅଷ୍ଟ୍ରେଲିଆ ୯ମ ୱିକେଟ ହରାଇଥିଲା। ୪୧ ରନ କରିଥିବା କମିନ୍ସଙ୍କୁ ରବୀନ୍ଦ୍ର ଜାଡ଼େଜା ଆଉଟ କରିଥିଲେ।

ଏହି ସମୟରେ ଅଷ୍ଟ୍ରେଲିଆର ଲିଡ୍ ମଧ୍ୟ କେବଳ ୨୭୮ ରନ ରହିଥିଲା। ଲାଗୁଥିଲା ଭାରତ ମେଲବର୍ଣ୍ଣ ଟେଷ୍ଟରେ ଜବରଦସ୍ତ କମ୍‌ବ୍ୟାକ୍ କରିବ। ହେଲେ ଶେଷ ୱିକେଟ ପାଇଁ ବୋଲାଣ୍ଡ ଓ ଲାୟନ କମାଲ କରିଥିଲେ। ଭାରତୀୟ ବୋଲରଙ୍କୁ କଡ଼ା ମୁକାବିଲା କରି ଉଭୟ ୬୪.୧ ଓଭରରୁ ୮୨ ଓଭର ଯାଏ ବ୍ୟାଟିଂ କରିଥିଲେ। ଏଥିସହ ଲିଡ୍‌କୁ ୩୩୩ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏହି ଯୋଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ହେଁ କୌଣସି ଲାଭ ପାଇନାହିଁ।

ଉଭୟ ୪ର୍ଥ ଦିନର ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଲାୟନ ୪୧ ଓ ବୋଲାଣ୍ଡ ୬୫ ବଲରେ ୧୦ ରନ କରି ଅପରାଜିତ ରହିଛନ୍ତି।

## ଗୋଟିଏ ଇନିଂସରେ ୩ଟି କ୍ୟାଚ୍ ଛାଡ଼ିଲେ ଯଶସ୍ୱୀ, ରାଗିଗଲେ ରୋହିତ ଶର୍ମା



**ମେଲବର୍ଣ୍ଣ**

କୁହାଯାଏ କ୍ୟାଚେସ୍ ୱିନ ମ୍ୟାଚେସ୍। କିନ୍ତୁ ଟିମ୍ ଇଣ୍ଡିଆର ଓପନର ଯଶସ୍ୱୀ ଜୈସ୍ୱାଲ ଏହାକୁ ହାତ ଛଡ଼ା କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ୪ର୍ଥ ଦିନରେ ସେ ୩ଟି କ୍ୟାଚ୍ ହାତ ଛଡ଼ା କରିଛନ୍ତି। ମେବଲର୍ଣ୍ଣ ପଡ଼ିଆରେ ସେ ୩ଟି କ୍ୟାଚ୍ ହାତ ଛଡ଼ା କରିବାରୁ ଅଧିନାୟକ ରୋହିତ ଶର୍ମା ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଯଶସ୍ୱୀ ପ୍ରଥମ କ୍ୟାଚ୍ ଛାଡ଼ିବା ବେଳେ ରୋହିତ ସେତେଟା ଅସନ୍ତୋଷ ପ୍ରକାଶ କରି ନଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି କ୍ୟାଚ୍ ଛାଡ଼ିବା ପରେ ସେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

କ୍ୟାଚ୍ ଛାଡ଼ିବା ପରେ ରୋହିତ ତାଙ୍କ ପାଖକୁ ଯିବା ସହ ଅତ୍ୟନ୍ତ ରାଗି ଯାଇ ତାଙ୍କୁ କିଛି କହୁଥିବା ଫଟୋ ସାମ୍ନାକୁ ଆସିଛି। କ୍ୟାଚ୍ ଛାଡ଼ି ଚାପରେ ଥିବା ଯଶସ୍ୱୀ ସୁଧାରଙ୍କ ଭଳି ରୋହିତଙ୍କ ସବୁ କଥା ଶୁଣିଛନ୍ତି। ଜୈସ୍ୱାଲଙ୍କ ହରର ରନ ଫିଲ୍ଡରେ ସେତେବେଳେ ଷ୍ଟାର୍ଟ ହୋଇଥିଲା ଯେତେବେଳେ ସେ ଯଶପ୍ରୀତ ବୁମ୍‌ରାଙ୍କ ବଲରେ ଉସମାନ ଖ୍ୱାଜାଙ୍କ କ୍ୟାଚ୍ ଛାଡ଼ିଥିଲେ।

ଏହାପରେ ୭୦ ରନର ଇନିଂସ ଖେଳିଥିବା ମାର୍ନସ ଲାବୁଶେନ ୪୦ତମ ଓଭରରେ ଆକାଶ ଦୀପଙ୍କ ବଲରେ ଗୋଟିଏ ସୁଯୋଗ ଦେଇଥିଲେ ହେଁ ଏହାକୁ ପୁଣି ଯଶସ୍ୱୀ ଛାଡ଼ି ଦେଇଥିଲେ। ଏହି କ୍ୟାଚ୍ ଛାଡ଼ିବାରୁ ରୋହିତ ଶର୍ମା ନିଜର ହତାଶା ଓ କ୍ରୋଧ ସୌଭାବ ପ୍ରଦର୍ଶନ କରିଥିଲେ। ଆକାଶ ଦୀପ ମଧ୍ୟ ନିଜର ଅସନ୍ତୋଷ ଝାଡ଼ିଥିଲେ।

ଏହାପରେ ସିଲୀ ପଏଣ୍ଟରେ ଫିଲ୍ଡିଂ କରିବା ବେଳେ ମଧ୍ୟ ସେ ଗୋଟିଏ କ୍ୟାଚ୍ ଛାଡ଼ିଛନ୍ତି। ରବୀନ୍ଦ୍ର ଜାଡ଼େଜାଙ୍କ ଗୋଟିଏ ବଲକୁ ଡିଫେଣ୍ଡ କରିବା ବେଳେ ପାଟ କମିନ୍ସ କ୍ୟାଚ୍ ଦେଇଥିଲେ। ହେଲେ ଜୈସ୍ୱାଲଙ୍କ ଦୁଇ ଗୋଡ଼ ମଧ୍ୟରେ ବଲ ଚାଲି ଯାଇଥିଲା। ଏହାପରେ ରୋହିତ ଶର୍ମା ଆହୁରି ରାଗି ଯାଇଥିଲେ। ସେ ଯଶସ୍ୱୀଙ୍କ ଉପରେ ପୁଣି ନିଜର ଅସନ୍ତୋଷ ଝାଡ଼ିଥିଲେ।

## ଆନ୍ତରାଜ୍ୟ ଫୁଟବଲ୍ ମ୍ୟାଚ୍

## ମା’ କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ଚାମ୍ପିଅନ

**ଆନନ୍ଦପୁରର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ପଞ୍ଚାୟତ ଖେଳପଡ଼ିଆରେ ଫୁଟ୍‌ବଲ୍ ମହାକୁମ୍ଭ ଫାଇନାଲ ମ୍ୟାଚ୍‌ରେ ଚକ୍ରଧର ପୁର ଫୁଟବଲ ଏକେଡେମୀ ଝାଡ଼ଖଣ୍ଡ ସହିତ ମା’ କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟ୍ରାୟ ବ୍ରେକର ପେନାଲ୍‌ଟି ଗୋଲରେ ୪–୨ ଗୋଲରେ ମା’ କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିହାର ବିଜୟୀ ହୋଇଥିଲା। ମା’ ତାରିଣୀ କ୍ଲବ ଇଣ୍ଟେରଷ୍ଟେଟ ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜର ସୁବ୍ରତ ସାମଲ ଏବଂ ଜିତେନ୍ଦ୍ର ସାମଲଙ୍କ ସଂଯୋଜନାରେ ଏହି ଖେଳ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥି ତଥା ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ବିଜୟ ରାଉତ, ରାମଚନ୍ଦ୍ର ସାହୁ, ଜ୍ଞାନ ସାମନ୍ତ ସିଂହାରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ମ୍ୟାଚ୍ ବହୁ ଚିତ୍ତାକର୍ଷକ ହୋଇଥିଲାବେଳେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ମ୍ୟାଚ୍ ଖେଳଟି ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବା ବେଳେ ପ୍ରିୟବ୍ରତ ନାୟକ, ସତ୍ୟ ବ୍ରତ ନାୟକ, ରାକେଶ ସାମଲ, ଆକାଶ ନାୟକ, ଜଗନ୍ନାଥ ସାମଲ, ସୁରେନ୍ଦ୍ର ନାୟକ, ରଶ୍ମି ରଞ୍ଜନ ନାୟକ, ଶୁଭମ ସାମଲ, ବିଭୁ ସାମଲ, ଅମୃତ ସାଗର ପାତ୍ର, ସ୍ମୃତିରାଜ ନାୟକ, ପାପୁନ ବେହେରା, ସମରଜିତ ନାୟକ, ସ୍ପନ୍ଦନ ନାୟକ, ଦୀପକ ବାରିକ ସହ ସୁଶାନ୍ତ ସାମଲ ସହଯୋଗ କରିଥିଲେ।

# ୨୦୦ ଟେଷ୍ଟ ୱିକେଟ୍ କ୍ଲବ୍‌ରେ ବୁମ୍‌ରା, ଭାଙ୍ଗିଲେ କପିଲଙ୍କ ରେକର୍ଡ

**ମେଲବର୍ଣ୍ଣ**

ଟେଷ୍ଟ କ୍ରିକେଟରେ ସୋମବାର ୨୦୦ ୱିକେଟ ପୂରଣ କରିଛନ୍ତି ଯଶପ୍ରୀତ ବୁମ୍‌ରା। ମେଲବର୍ଣ୍ଣରେ ଚାଲିଥିବା ଚତୁର୍ଥ ଟେଷ୍ଟର ଚତୁର୍ଥ ଦିବସରେ ଟ୍ରାଭିସ୍ ହେଡ୍‌ଙ୍କୁ ଆଉଟ୍ କରି ସେ ପାଇଛନ୍ତି ଏହି ସଫଳତା। ଏହା ସହିତ ସେ ଭାଙ୍ଗିଛନ୍ତି କପିଲ ଦେବଙ୍କ ରେକର୍ଡ। କପିଲ ୫୦ଟି ଟେଷ୍ଟ ମ୍ୟାଚ୍ ଖେଳି ୨୦୦ ୱିକେଟ୍ ନେଇଥିବା ବେଳେ ବୁମ୍‌ରାଙ୍କୁ ତାଙ୍କର ୪୪ତମ ମ୍ୟାଚ୍‌ରେ ମିଳିଛି ଏହି ସଫଳତା। କପିଲଙ୍କ ରେକର୍ଡ ଭାଙ୍ଗି ବୁମ୍‌ରା ବନିଯାଇଛନ୍ତି ଟେଷ୍ଟରେ ୨୦୦ଟି ୱିକେଟ୍ ନେବାରେ ଦ୍ରୁତତମ ଭାରତୀୟ ପେସର।

ଅନ୍ୟପକ୍ଷରେ ଭାରତୀୟ ବୋଲର ଭାବେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ହାସଲ କରିବାର ରେକର୍ଡ ରହିଛି ନିକଟରେ ଅନ୍ତର୍ଜାତୀୟ କ୍ରିକେଟକୁ



ଅଲବିଦା କହିଥିବା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାଁରେ। ୩୭ଟି ମ୍ୟାଚ୍‌ରେ ତାଙ୍କୁ ମିଳିଥିଲା ଏହି ସଫଳତା। ସେହିପରି ତାଙ୍କ ତଳକୁ ରହିଥିଲେ ରବୀନ୍ଦ୍ର ଜାଡ଼େଜା। ସେ ୪୪ଟି ମ୍ୟାଚ୍‌ରୁ ଏହି ସଫଳତା ପାଇଥିବା ବେଳେ ଏବେ ଏହି ସ୍ଥାନରେ ତାଙ୍କ ସହିତ ଯୋଗ ଦେଇଛନ୍ତି ଯଶପ୍ରୀତ ବୁମ୍‌ରା। ହରଭଜନ ସିଂହ ୪୬ଟି ମ୍ୟାଚ୍‌ରୁ ଓ ଅନୀଲ କୁମ୍ବଲେ ୪୭ଟି ମ୍ୟାଚ୍‌ରୁ ୨୦୦ତମ ଟେଷ୍ଟ ୱିକେଟ୍ ପୂରଣ କରିଥିଲେ।

ମୋଟ ଉପରେ ଅନ୍ତର୍ଜାତୀୟ ସ୍ତରରେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ନେବାର ରେକର୍ଡ ରହିଛି ପାକିସ୍ତାନର ପୂର୍ବତନ ସ୍ପିନର ୟାସିର ଶାହଙ୍କ ନାମରେ। ସେ ୩୩ଟି ଟେଷ୍ଟରୁ ଏହି ମାଇଲଷ୍ଟୋନ୍ ସ୍ଥାପନ କରିଥିଲେ। ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ତେବେ ପେସରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଡେନିସ ଲିଲି ୩୮ଟି ଟେଷ୍ଟ ମ୍ୟାଚ୍‌ରୁ ୨୦୦ ୱିକେଟ୍ ହାସଲ କରିଥିଲେ। ମୋଟ ଉପରେ ଲିଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ବଲ୍ ହିସାବରେ ଦେଖିଲେ ବୁମ୍‌ରା ହେଉଛନ୍ତି ୨୦୦ଟି ଟେଷ୍ଟ ୱିକେଟ ନେବାରେ ଦ୍ରୁତତମ ଭାରତୀୟ ବୋଲର। ସେହିପରି ସାରା ବିଶ୍ୱରେ ଏହି ବର୍ଗରେ ତାଙ୍କ ସ୍ଥାନ ୪ ନମ୍ବରରେ ରହିଛି। ବୁମ୍‌ରା ୮,୪୮୪ଟି ବଲ୍ ପକାଇ ୨୦୦ଟି ୱିକେଟ୍ ନେଇଛନ୍ତି। ପାକିସ୍ତାନର ୱାକର ୟୁନିସ ଟେଷ୍ଟରେ ୭୭୨୫ଟି ବଲ୍ ବୋଲିଂ କରି ୨୦୦ଟି ୱିକେଟ୍ ନେଇଥିବା ବେଳେ ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେନ୍ ୭୮୪୮ ଓ ରାବଡ଼ା ୮୧୫୩ଟି ବଲରୁ ୨୦୦ ୱିକେଟ୍ ହାସଲ କରିଥିଲେ।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ବୁମ୍‌ରା ୪ଟି ୱିକେଟ୍ ପାଇଥିବା ବେଳେ ୪୪ଟି ଟେଷ୍ଟରୁ ତାଙ୍କ ୱିକେଟ୍ ସଂଖ୍ୟା ୨୦୧ରେ ପହଞ୍ଚିଛି।

# ପାକିସ୍ତାନକୁ ହରାଇ ପ୍ରଥମ ଥର ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ**

ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା। ବିଶ୍ୱର ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ୨୦୨୫ ଡବ୍ଲୁଟିସି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

ରବିବାର ଦକ୍ଷିଣ ଆଫ୍ରିକା ନିଜ ମାଟିରେ ପାକିସ୍ତାନକୁ ରୋମାଞ୍ଚକର ଢଙ୍ଗରେ ୨ ୱିକେଟରେ ପରାସ୍ତ କରିଛି। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ଜିତିବା କ୍ଷଣି ଦକ୍ଷିଣ ଆଫ୍ରିକା ୬୬.୬୭ ବିଜୟ ପ୍ରତିଶତ ସହ ଫାଇନା ଟିକେଟ ହାତେଇଛି। ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିଛି।

ଏବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରୁ କିଏ ଫାଇନାଲକୁ ଯାଉଛି, ସେକଥା ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ’ ଟେଷ୍ଟ ପରେ ସ୍ପଷ୍ଟ ହୋଇଯିବ। ଭାରତ ଏହି ଟେଷ୍ଟକୁ ଯଦି ଜିତି ପାରିବ ନାହିଁ, ତା’ହେଲେ ଦଳ କ୍ରମାଗତ ତୃତୀୟ ଥର ପାଇଁ ଡବ୍ଲୁଟିସି ଫାଇନାଲ ଖେଳିବାରୁ ବଞ୍ଚିତ ହେବ। ଏବେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୫୮.୮୯ ରହିଥିବା ବେଳେ ଭାରତ ୫୫.୮୯% ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ସେଞ୍ଚୁରିଆନରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟ ବେଶ୍ ରୋମାଞ୍ଚକର ରହିଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୨୧୧ ରନ କରିଥିଲା। ଏହାର ଜବାବରେ ଦକ୍ଷିଣ



ଆଫ୍ରିକା ୩୦୧ ରନ କରିଥିଲା। ଫଳରେ ଘରୋଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ୯୦ ରନର ଲିଡ୍ ମିଳିଥିଲା।

ଦ୍ୱିତୀୟ ଇନିଂସରେ ବାବର ଆଜମ ୫୦ ରନ ଇନିଂସ ଖେଳିଥିଲେ ହେଁ ୟାନସେନ ପାକିସ୍ତାନକୁ ଘାଇଲା କରିଥିଲେ। ସେ ଏକାକୀ ୬ଟି ୱିକେଟ ନେବାକୁ ପାକିସ୍ତାନ ୨୩୭ ରନରେ ଅଲଆଉଟ ହୋଇଯାଇଥିଲା।

ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଟେଷ୍ଟ ଜିତିବା ପାଇଁ ୧୪୮ ରନର ଟାର୍ଗେଟ ମିଳିଥିଲା। କିନ୍ତୁ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୩ଟି ୱିକେଟ ହରାଇଥିଲେ ହେଁ କେବଳ ୨୭ ରନ କରି ପାରିଥିଲା। ଦଳକୁ ଜିତିବା ପାଇଁ ୧୨୧ ରନ ଦରକାର ଥିବା ବେଳେ ରବିବାର ଏଡେନ ମାର୍କରମ ଓ ଅଧିନାୟକ ତେମ୍ବା ବଭୂମା ରନକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋରା ୬୨ ଥିବା ବେଳେ ମାର୍କରମ(୩୭) ଆଉଟ ହୋଇଯାଇ ଥିଲେ। ବଭୂମା ମଧ୍ୟ ୪୦ ରନ କରିପାରିଥିଲେ।

ଡାଭିଡ୍ ବେଣ୍ଡିଂହାମ ୧୪, କେୟଲେ ଭାର୍ଣ୍ଣୟେ ୨ ଓ କୋରବିନ ବୋଚ ପ୍ରଥମ ବଲରେ ଆଉଟ ହୋଇଯିବାରୁ ଦକ୍ଷିଣ ଆଫ୍ରିକା ସଙ୍କଟରେ ପଡ଼ିଥିଲା। ପାକିସ୍ତାନ ପାଇଁ ମିଡିୟମ ଦ୍ରୁତ ବୋଲର ମହମ୍ମଦ ଆବାସ ଦକ୍ଷିଣ ଆଫ୍ରିକାର ୮ଟି ୱିକେଟ ମଧ୍ୟରୁ ୬ଟି ଦଖଲ କରିଥିଲେ। ଲାଗୁଥିଲା ଦକ୍ଷିଣ ଆଫ୍ରିକା ୧୪୮ ରନର ବିଜୟ ଲକ୍ଷ୍ୟକୁ ହାସଲ କରିପାରିବ ନାହିଁ। କିନ୍ତୁ ୯ମ ୱିକେଟ ପାଇଁ ମାର୍କୋ ୟାନସେନ ଓ କାଗିସୋ ରବାଡା ୫୧ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ରୋମାଞ୍ଚକର ବିଜୟ ଭେଟି ଦେଇଛନ୍ତି। ଦଳକୁ ଜିତିବା ପାଇଁ ୨ ରନ ଦରକାର ଥିବା ବେଳେ ରବାଡା ଚୌକା ମାରି ବିଜୟ ମୁଣ୍ଡି ମାରିଛନ୍ତି। ସେ ଶେଷ ଯାଏ ୨୬ ବଲରେ ୩୧ ଓ ୟାନସେନ ୨୪ ବଲରେ ୧୬ ରନ କରି ଅପରାଜିତ ରହିଥିଲେ।

ପାକିସ୍ତାନ ପାଇଁ ମହମ୍ମଦ ଆବାସ ପାରୁ ଯାଏ ଚେଷ୍ଟା କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା। ସେ ୬ଟି ୱିକେଟ ନେଇଥିବା ବେଳେ ନସୀମ ଶାହ ଓ ଖୁରାମ ଶାହଜାଦ ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି।

## ଐତିହାସିକ ଶତକ ପରେ ନୀତୀଶଙ୍କ ପାଇଁ କ୍ୟାଶ୍ ପ୍ରାଇଜ୍ ଘୋଷଣା କଲା ଏସିଏ



**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ରାଇଜିଂ ଷ୍ଟାର ନୀତୀଶ କୁମାର ରେଡ୍ଡୀ ମେଲବର୍ଣ୍ଣରେ ନିଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି। ଏହି ଶତକ ହାସଲ ପରେ ଆନ୍ଧ୍ର କ୍ରିକେଟ ଆସୋସିଏସନ ତାଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛି। ବକ୍ସିଂ ଡେ ଟେଷ୍ଟରେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ନୀତୀଶ କୁମାର ଅପରାଜିତ ୧୦୫ ରନର ଇନିଂସ ଖେଳି ନିଜ ଜଲୱାର ପରିଚୟ ଦେଇଛନ୍ତି। ଏଥିପାଇଁ ଏସିଏ ତାଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ଏସିଏ ସଭାପତି କେ. ଶିବାନ୍ଥା କହିଛନ୍ତି, “ଆନ୍ଧ୍ର କ୍ରିକେଟ ଆସୋସିଏସନ ପାଇଁ ଏହା ଅତ୍ୟନ୍ତ ସୌଭାଗ୍ୟ ଓ ଖୁସିର ଦିନ। ଆନ୍ଧ୍ରର ଗୋଟିଏ ପିଲାକୁ ଟେଷ୍ଟ ଫର୍ମାଟ ଓ ଅନ୍ତର୍ଜାତୀୟ ଟି-୨୦ ଫର୍ମାଟ ପାଇଁ ଚୟନ କରାଯିବା ଆମ ପାଇଁ ବହୁତ ଖୁସିର ବିଷୟ। ଏହାର ସମ୍ମାନାର୍ଥେ ଆନ୍ଧ୍ର କ୍ରିକେଟ ଆସୋସିଏସନ ପକ୍ଷରୁ ନୀତୀଶ କୁମାର ରେଡ୍ଡୀଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଉଛି।”

## ଅନ୍ତର୍ଜାତୀୟ ଟାଇକୋଣ୍ଡରେ କେନ୍ଦୁଝରକୁ ମିଳିଲା ୧୪ ପଦକ



**କେନ୍ଦୁଝର, ନ୍ୟୁଜ୍**

କୋଲକାତାର ଖୁଦୀରାମ ଅନୁଶୀଳନ କେନ୍ଦ୍ରଠାରେ ୨୭ ଓ ୨୮ ଦୁଇ ଦିନ ଧରି ଚାଲିଥିବା କୋରିୟାନ ଟାଇକୋଣ୍ଡ ମାଷ୍ଟର ଆସୋସିଏସନ ଅଫ ଇଣ୍ଡିଆ ଓ ଜିୟଙ୍ଗ ଟାଇକୋଣ୍ଡ ଏକାଡେମୀ ପକ୍ଷରୁ ଆୟୋଜିତ ଅଷ୍ଟମ ଅନ୍ତର୍ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ କେନ୍ଦୁଝର ଜିଲ୍ଲାରୁ ୧୪ ଜଣ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଏହି ଅନ୍ତର୍ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ କେନ୍ଦୁଝରରୁ ୧୪ ଜଣ ସମସ୍ତ ପ୍ରତିଯୋଗୀ ପଦକ ହାସଲ କରି ଓଡ଼ିଶାକୁ ଗୌରବମୟ କରିଛନ୍ତି। ଓଡ଼ିଶା ଟାଇକୋଣ୍ଡ ଆସୋସିଏସନ ପକ୍ଷରୁ କେନ୍ଦୁଝର ଜିଲ୍ଲାର ସ୍ୱର୍ଣ୍ଣ ହାସଲ କରିଥିବା ପ୍ରତିଯୋଗୀ ମାନେ ହେଲେ ରିଧିମା ଲାୟକ, ଜିତେନ୍ଦ୍ର ଓରାମ, ସ୍ମିତିପ୍ରଜ୍ଞା ଗିରି ଓ ସମର୍ପିତ ସ୍ୱାଇଁ ସେହିପରି ରୌପ୍ୟ ପଦକ ହାସଲ କରିଥିବା କ୍ରୀଡ଼ାବିତ୍‌ମାନେ ହେଲେ ଆଦ୍ୟାଶା ଲାୟକ, କ୍ରୀତିକାବ୍ୟା ଦାସ , ସାଇକ୍ରିଷ୍ଣା ସିଂ, କୌଶିକ କୁମାର ସାହୁ ପଦକ ହାସଲ କରିଥିଲେ। ଆସ୍ଥାମଣୀ ମାଝୀ, ଯୋହା କୁଲସୁମ,ଏଆର୍ ରୁଦ୍ରାଶି, ନିଖିଳ କୁମାର ଦାସ, ଆୟନ କୁମାର ସାହୁ ଓ ଆୟୁଷ କୁମାର ନାଏକ ବ୍ରୋଞ୍ଜ ପଦକ ଅଧିକାର କରି ଓଡ଼ିଶା ରାଜ୍ୟକୁ ଗୌରବାନ୍ୱିତ କରିଥିବାରୁ ରାଜ୍ୟ ସଙ୍ଘର ସମ୍ପାଦକ ମାଷ୍ଟର ଗୋପାଳ ଚନ୍ଦ୍ର ରାୟ ସମସ୍ତ ପ୍ରତିଯୋଗୀ ତଥା ଦଳ ସହ ଯାତ୍ରା କରିଥିବା ଓଡ଼ିଶା ଦଳର କୋଚ୍ ନିର୍ମଳ ଚନ୍ଦ୍ର ନାୟକ, ଦିଗବିଜୟ ବେହେରା, ପାର୍ଥସାରଥି ସାହୁ ମ୍ୟାନେଜର ସଞ୍ଜୟ କୁମାର ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଭିନ୍ନ ଦେଶର ବହୁ ପ୍ରତିଭାବାନ କ୍ରିଡାବିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, କେନ୍ଦୁଝର ଜିଲ୍ଲା ଆମେଚର ଟାଇକୋଣ୍ଡ ଆସୋସିଏସନ୍‌ର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକଙ୍କ ତରଫରୁ ସମସ୍ତ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସିନିୟର ବ୍ଲାକ୍ ବେଲ୍ଟ ତଥା ପ୍ରଶିକ୍ଷକ ଟଙ୍କଧର ନାଏକ ସଂଯୋଜନା କରିଥିବା ବେଳେ ବ୍ଲାକ୍ ବେଲ୍ଟ ଦେବରାଜ ସାହୁ, ମନୋଜ ପାତ୍ର, ଅମିତ ହାଁସଦା, ମାନସ ବାରିକ, ରଞ୍ଜିତ ବେହେରା ଓ ଏମ୍‌ଡି ସକିଲ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଭଦ୍ରକ ଚରମ୍ପାକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହରର କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ଯାଜପୁର ପଞ୍ଚାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର, ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ ନେତା ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ପ୍ରଥମ ଦିବସ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଟାଉନ୍ ସହିତ ଚରମ୍ପା ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି



ନେଇଥିଲା। ଚରମ୍ପା ଭଦ୍ରକ ନିର୍ଦ୍ଧାରିତ ୩୦ ଓଭର ଖେଳ ମଧ୍ୟରୁ ୧୬.୪ ଓଭର ଖେଳି ସମସ୍ତ ୱିକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱୟଂଭୁ ପଲେଇ ୩୩ ରନ୍ ସଂଗ୍ରହ କରିଥିବା ବେଳେ ସରୋଜ ବେହେରା ୨୪ ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାର ଯାଜପୁରର ବୋଲର ଅଙ୍କିତ ସଲୋନୀ ୪.୪ ଓଭର ବୋଲିଂ କରି ୨୧ ରନ୍ ଦେଇ ୫ଟି ୱିକେଟ ଅକ୍ତିଆର କରିଥିବା ବେଳେ ଅଭିଳାଷ ରାଉତରାୟ ୪ ଓଭର ବୋଲିଂ କରି ୯ ରନ୍ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଇଲେଭେନ ଷ୍ଟାର ଯାଜପୁର ମାତ୍ର ୧୩ ଓଭର ଖେଳି ୪ଟି ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ଅଙ୍କିତ ସଲୋନୀ ୪୬ ରନ୍ ସଂଗ୍ରହ କରିଥିବା ବେଳେ ଚକ୍ରଧର ୧୪ ରନ୍ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଅଙ୍କିତ ସଲୋନୀ। ଏହି ଉଦ୍‌ଘାଟନୀ ମ୍ୟାଚ୍‌କୁ ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ଶ୍ରୀଜୟ ମହାପାତ୍ର, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପହି, ସଚ୍ଚିଦାନନ୍ଦ ଜେନା, ବିଶ୍ୱଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରବିବାରର ମ୍ୟାଚ୍‌କୁ ଅମ୍ପାୟାର ଭାବେ ଶାରଦା ମହାପାତ୍ର ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଯଯାତି ସାମଲ ପରିଚାଳନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘବର୍ଷ ଧରି ଏହି ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ରାଜ୍ୟର ଅନେକ ପ୍ରମୁଖ କ୍ରିକେଟ୍ ଟିମ୍ ଏଥିରେ ଅଂଶଗ୍ରହଣ କରିଆସୁଛନ୍ତି।

## ଓସିଏ ସଭାପତି ପଦରୁ ଇସ୍ତଫା ଦେଲେ ବବି ଦାସ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବିଜେଡିର ବରିଷ୍ଠ ରାଜନେତା ପ୍ରଣବ ପ୍ରକାଶ ଦାସ(ବବି)। ଏନେଇ ସୂଚନା ଦେଇଛନ୍ତି ସମ୍ପାଦକ ସଞ୍ଜୟ ବେହେରା। ବ୍ୟକ୍ତିଗତ କାରଣ ଦର୍ଶାଇ ବବି ଇସ୍ତଫା ଦେଇଥିବା ବେଳେ ଆଗାମୀ ୪୫ ଦିନ ମଧ୍ୟରେ ନୂଆ ସଭାପତି ନିର୍ବାଚନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅକ୍ଟୋବର ୨୮, ୨୦୨୨ରେ ବିନା ଓସିଏର ସଭାପତି ଭାବରେ ନିର୍ବାଚିତ ହୋଇ ଥିଲେ। ନୂତନ ସଭାପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଓସିଏ ଉପାଧକ୍ଷ ପଙ୍କଜ ଲୋଚନ ମହାନ୍ତି ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ସଭାପତି ରହିବେ ବୋଲି ବେହେରା କହିଛନ୍ତି।



# ଧନୁଯାତ୍ରାକୁ ୟୁନେସ୍କୋ ଇନଟାଞ୍ଜିବୁଲ୍ କଲଚରାଲ୍ ହେରିଟେଜ୍‌ର ମାନ୍ୟତା ପ୍ରଦାନ କରିବ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସନ୍ତା ୩ ଜାନୁଆରୀ, ୨୦୨୫ ରିଖ ଠାରୁ ୧୩ ଜାନୁଆରୀ, ୨୦୨୫ ରିଖ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲାରେ ଧନୁଯାତ୍ରା ମହୋତ୍ସବ-୨୦୨୫ ପାଳିତ ହେବ। ଆମ ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟର ପ୍ରତୀକ ଭାବେ ଧନୁଯାତ୍ରା ମହୋତ୍ସବକୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନେକ ପଦକ୍ଷେପମାନ ଗ୍ରହଣ କରାଯାଇଛି, ଯାହାର ସବିସ୍ତୃତ ବିବରଣୀ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରଦାନ କରିଥିଲେ। ଶ୍ରୀ ସୂରଜ କହିଥିଲେ ଯେ, ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ଜୟଯାତ୍ରା। ଏହି ଯାତ୍ରା ସମୟରେ ବରଗଡ଼ର ବିଭିନ୍ନ ଅଂଚଳ ମଥୁରା ନଗରୀ, ଗୋପପୁର, କଂସଙ୍କ ଦରବାର ଆଦିରେ ରୂପାନ୍ତରିତ ହୋଇଥାଏ। ଧନୁଯାତ୍ରା ମହୋତ୍ସବ-୨୦୨୫କୁ ଦିବ୍ୟ, ଭବ୍ୟ ଏବଂ ଆଡ଼ମ୍ବରର ସହ ପାଳନ କରାଯିବା ସହ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଅନୁଷ୍ଠାନିକ ଭାବେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ଅନୁଦାନ ରାଶିକୁ ପୂର୍ବରୁ ପ୍ରଦାନ କରାଯାଉଥିବା ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ, ଧନୁଯାତ୍ରାର ସିଧାପ୍ରସାରଣ, ଧନୁଯାତ୍ରା ନିମନ୍ତେ ସ୍ୱତନ୍ତ୍ର ୱେବସାଇଟ କରିବା ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ ୫୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯିବାର ନିଷ୍ପତ୍ତି ନିଆଯାଇଛି।ଏଥିସହ ଧନୁଯାତ୍ରାରେ ଭାଗନେଉଥିବା ପ୍ରାୟତଃ ୧୭୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ପୂର୍ବବର୍ଷ ମାନଙ୍କରେ ଧନୁଯାତ୍ରାରେ ଅଂଶଗ୍ରହଣ କରିଥିବା ବହୁ ଅଭିନେତାମାନଙ୍କୁ ମଧ୍ୟ ସମ୍ମାନିତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଧନୁଯାତ୍ରାର ବ୍ୟାପକ ପ୍ରଚାର-ପ୍ରସାର ନିମନ୍ତେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମଥର ପାଇଁ ଏଲ. ଇ. ଡ଼ି. ପରଦା ମାଧ୍ୟମରେ ରାଜଧାନୀ ଭୁବନେଶ୍ୱର ସମତେ ଓଡ଼ିଶାର ବିଭିନ୍ନ ପ୍ରମୁଖ ସ୍ଥାନ ମାନଙ୍କରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଧନୁଯାତ୍ରା ଚାଲୁଥିବା ସମୟରେ ପ୍ରବାସୀ ଭାରତୀୟ ଦିବସ ମଧ୍ୟ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ବ୍ୟକ୍ତିମାନେ ମଧ୍ୟ ଏଲ. ଇ. ଡ଼ି ପରଦାରେ ଧନୁଯାତ୍ରାର ପ୍ରସାରଣ ହେବା ଫଳରେ ଏହି ଭବ୍ୟ ଯାତ୍ରାର ଐତିହ୍ୟ ଏବଂ ବିଶେଷତ୍ୱ ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଲକ୍ଷ୍ୟ ରଖା ଯାଇଛି । ଏଥିସହିତ ଧନୁଯାତ୍ରା ମହୋତ୍ସବ-୨୦୨୫ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ ମଧ୍ୟ କରାଯାଉଛି ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ପ୍ରାମାଣିକ ଦସ୍ତାବିଜ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ ଯାହା ଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଧନୁଯାତ୍ରାକୁ ୟୁନେସ୍କୋ ଇନଟାଞ୍ଜିବୁଲ୍ କଲଚରାଲ୍ ହେରିଟେଜ୍‌ର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଏକ ବିଶେଷଜ୍ଞ କମିଟି ମଧ୍ୟ ଗଠନ କରାଯିବ। ବିଶିଷ୍ଟ ଧାରାବାହିକରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ସାଂସଦ ଅରୁଣ ଗୋଭିଲ ଓ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିବା ଅଭିନେତା ନୀତିଶ ଭାରଦ୍ୱାଜ, ମଥୁରାର ସାଂସଦ ହେମାମାଳିନୀଙ୍କୁ ମଧ୍ୟ ଧନୁଯାତ୍ରାରେ ଆମନ୍ତ୍ରିତ କରାଯିବ । ଏଥିସହ ଧନୁଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ପ୍ରଶାସନିକ ଏବଂ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ଜାନୁଆରୀ ୧୭ରେ ଚିଲିକାରେ ପକ୍ଷୀ ଗଣନା : ୨୧ରେ ଗଣତି ହେବେ ଡଲ୍‌ଫିନ୍

**ବାଲୁଗାଁ, ନ୍ୟୁଜ ବ୍ୟୁରୋ**



ଶୀତର ପ୍ରକୋପ ବଢୁଥିବା ବେଳେ ପକ୍ଷୀ ତୀର୍ଥ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ମଧ୍ୟ ଆଗମନ ବଢ଼ିଚାଲିଛି। ତେବେ ପ୍ରତିବର୍ଷ ଜାନୁଆରୀ ୪-୫ ତାରିଖରେ ହେଉଥିବା ପକ୍ଷୀ ଗଣନା ଏଥରକ ଘୁଞ୍ଚାଇ ଦିଆଯାଇଛି। ଜାନୁଆରୀ ୧୭ରେ ଏଥର ପକ୍ଷୀ ଗଣନା ହେବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗୀୟ ଅଧିକାରୀ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି। ପକ୍ଷୀଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ, ସେଥିଲାଗି ଗଣନାର ୧୫ ଦିନ ପୂର୍ବରୁ ନଳବଣ ଓ ଏହାର ଆଖପାଖ ଅଞ୍ଚଳରେ ମାଛଧରା ଡଙ୍ଗା ଓ ପର୍ଯ୍ୟଟକଙ୍କୁ ପ୍ରବେଶ ପାଇଁ ବାରଣ କରାଯାଇଛି। ଗଣନା ପୂର୍ବରୁ ଜାନୁଆରୀ ୧୬ ତାରିଖରେ ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷରେ ପକ୍ଷୀ ଗଣନାକାରୀଙ୍କୁ ତାଲିମ୍ ପ୍ରଦାନ କରାଯିବ। ଗଣନା କାର୍ଯ୍ୟରେ ମୋଟ୍ ୨୧ଟି ଟିମ୍ ସାମିଲ ହେବେ। ପ୍ରତି ଟିମ୍‌ରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୫ଜଣ ସଦସ୍ୟ ରହିବେ।

ଏଥିଲାଗି ପ୍ରତି ଟିମ୍‌କୁ ଗୋଟିଏ ଲେଖାଏଁ ଡଙ୍ଗା, ବାଇନାକୁଲାର, ଜିପିଏସ୍ ଓ କିଟ୍ ଯୋଗାଇ ଦିଆଯିବ। ୧୭ତାରିଖ ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କାର୍ଯ୍ୟ ଜାରି ରହିବ। ଗଣନା ଦଳରେ ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ୱାଇଲ୍ଡ ଓଡ଼ିଶା, ଓୟୁଏଟି, ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ସମେତ ମୋଟ ୧୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହେବେ। ସେହିପରି ଚିଲିକାରେ ଦେଖାଯାଉଥିବା ବିରଳ ଇରାୱାଡି ପ୍ରଜାତିର ଡଲଫିନ୍ ଗଣନା ଜାନୁଆରୀ ୨୧ ତାରିଖରେ ହେବ। ଏଥିପାଇଁ ୨୦ ତାରିଖରେ ଡଲଫିନ୍ ଅଭୟାରଣ୍ୟ ଅଞ୍ଚଳ ସାତପଡ଼ା ଏବଂ ବାଲୁଗାଁଠାରେ ପୃଥକ୍ ଭାବେ ଗଣନାକାରୀଙ୍କୁ ତାଲିମ୍ ପ୍ରଦାନ କରାଯିବ। ସାତପଡ଼ାରେ ୮ଟି ଟିମ୍ ଓ ବାଲୁଗାଁ ନିକଟ ଚିଲିକା ଅଞ୍ଚଳରେ ୧୦ଟି ଟିମ୍ ରହି ଗଣନା କରିବେ। ସୂଚନାଯୋଗ୍ୟ, ଗତବର୍ଷ ଗଣନା ବେଳେ ଚିଲିକାରେ ୧୬୦ରୁ ଊର୍ଦ୍ଧ୍ୱ ଡଲଫିନ୍ ରହିଥିଲେ। ସେହିପରି ଗତବର୍ଷ ଚିଲିକାରେ ୧୧ଲକ୍ଷ ୩୭ ହଜାର ୭୫୯ ପକ୍ଷୀଙ୍କ ସମାଗମ ହୋଇଥିଲା। ପାଗ ଅନୁକୂଳ ରହିଲେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗୀୟ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ଧାମନଗରରେ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଭେଟିଲେ : ଚାଷୀଙ୍କ ଦୁର୍ଦ୍ଦିନରେ ସରକାର ଚଟାଣ ଭଳି ଠିଆ ହୋଇ ରହିବେ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ସମୀକ୍ଷା ନେଇ ଭଦ୍ରକ ଓ ବାଲେଶ୍ୱର ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଅଦିନିଆ ବର୍ଷା ସମଗ୍ର ଓଡ଼ିଶାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଚାଷୀ ମାନଙ୍କ ଧାନ ଅମଳ ସମୟରେ ଅଦିନିଆ ଲଗାଣ ବର୍ଷା ଯୋଗୁଁ ଧାନ ଗଜା ହୋଇ ବିଲରେ ହିଁ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତି ସଂକ୍ରାନ୍ତରେ ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରାଯିବ ଓ ଏନେଇ ସମୀକ୍ଷା କରାଯିବ। ଚାଷୀଙ୍କ ଏଭଳି ଦୁର୍ଦ୍ଦିନରେ ସରକାର ଚଟାଣ ଭଳି ତାଙ୍କ ସହିତ ଠିଆ ହୋଇ ରହିଛି ବୋଲି ପ୍ରକାଶ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ଏହି ଦୁଇ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ପରିଦର୍ଶନରେ ଯାଇ ସେଠାରେ ଚାଷୀ ମାନଙ୍କ ସହ ଆଲୋଚନା କରିବା ସହିତ ତାଙ୍କୁ ନିଶ୍ଚିନ୍ତ ରହିବାକୁ ଆଶ୍ୱାସନା ଦେଇଥିଲେ। ଚାଷୀଙ୍କୁ ଫସଲ ନଷ୍ଟ ପାଇଁ ଉଚିତ ପରିମାଣରେ କ୍ଷତି ପୂରଣ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତିବଦ୍ଧ। ସରକାର ଆପଣଙ୍କ ସହିତ ଅଛନ୍ତି। ଯଦି କୌଣସି ଅସୁବିଧା ହୁଏ ତେବେ ସରକାର ଏହାର ସମାଧାନ ପନ୍ଥା ନିଶ୍ଚୟ ବାହାର କରିବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଲଗାଣ ଲଘୁ ଚାପ ଯୋଗୁଁ ଧାନ କିଆରୀରେ ବର୍ଷା ଜଳ ରେ ଧାନ ନଷ୍ଟ ହୋଇଛି। ଏ ନେଇ ବାରମ୍ବାର ଗଣ ମାଧ୍ୟମ ରେ ଖବର ପ୍ରକାଶ ପରେ ଚାଷୀଙ୍କ ଦୁଃଖ ବୁଝିବାକୁ ଆସିଛନ୍ତି ଉପ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଧାମନଗର ବ୍ଲକ ଭଗବାନପୁର ପଂଚାୟତର ଜୟକୃଷ୍ଣପୁର, ଅନହରପୁର ଓ ପଳିକିରିରେ ପହଂଚି ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷ ଅନୁଧ୍ୟାନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଛନ୍ତି। ଅମଳକ୍ଷମ ପାଚିଲା ଧାନ ବର୍ଷା ରେ ଅଧିକ ପ୍ରଭାବିତ ହୋଇଛି। ବିଲ ରେବର୍ଷା ପାଣିରେ ପାଚିଲା ଧାନ ବୁଡ଼ି ରହି ନଷ୍ଟ ହୋଇଛି। ଉପ ମୁଖ୍ୟମନ୍ତ୍ରୀ ଚାଷଜମି ବୁଲି ଦେଖିବା ପରେ କ୍ଷତିଗ୍ରସ୍ତ ଚାଷୀ ମାନେ କାନ୍ଧିକାନ୍ଧି ଧାନ ବିଡା ଉପ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇ ଥିଲେ। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ମାସ ୩୦ ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନ ରିପୋର୍ଟ ଆସିବା ପରେ ସରକାରଙ୍କ ନିୟମ ଅନୁଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ଏଥିପ୍ରତି ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଗସ୍ତରେ ଭଦ୍ରକ ଜିଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମଣ୍ଡଳ, ବିଡ଼ିଓ ବନବିହାରୀ ଦିନ୍ଦା, ତହସିଲଦାର ଦୀପକ କୁମାର ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ ।ଜିଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ଜିଲା କୃଷି ଅଧିକାରୀ ଗଣେଶ ଚନ୍ଦ୍ର ମାଝୀ, ଆତ୍ମା ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ବିଶ୍ୱରଞ୍ଜନ ରାଉତ, ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା, ଦେବାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭' ପୁସ୍ତକ ଉନ୍ମୋଚିତ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

୧୮୫୭ର ସମ୍ବଲପୁର କୁଦୋପାଲି ଘଟଣା କୌଣସି ଗୁଣରେ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ଘଟଣା ଠାରୁ କମ ନଥିଲା ବୋଲି ରବିବାର ସମ୍ବଲପୁର ଠାରେ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭" ଇଂରାଜୀ ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କୁଦୋପାଲି ଘାଟିରେ ଶହୀଦ ହୋଇଥିବା ବୀର ଛବିଳ ସାଏ ତଥା ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାର ଅବ୍ୟବହିତ ପୂର୍ବରୁ ଆଜି ଗଣମାନ୍ୟ ବ୍ୟକ୍ତିବିଶେଷଙ୍କ ଗହଣରେ ପୁସ୍ତକର ଇଂରାଜୀ ସଂସ୍କରଣକୁ ଉନ୍ମୋଚନ କରି ଗୌରବାନ୍ୱିତ ହୋଇଥିବା କହିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶ ମାନଙ୍କ ସହ ଅଦମ୍ୟ ସାହସର ସହ ଲଢି ୫୩ ସହଯୋଗୀ ସଂଗ୍ରାମୀ ଶହୀଦ ହୋଇଥିଲେ ଓ ପରେ ୪ ଜଣଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା । ସମ୍ବଲପୁର ମାଟିରେ ସଂଗଠିତ ଏହି କୁଦୋପାଲି ମହାସଂଗ୍ରାମରେ ଖିଣ୍ଡା, କୁଲାବିରା, ଘେଁସ, ଲଖନପୁର ଆଦି ଅଂଚଳର ଅନେକ ପରିବାର ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଛନ୍ତି । ମାତ୍ର ଏହି ଇତିହାସ ଅନେକଙ୍କ ପାଇଁ ଅଜଣା ଥିଲା । ଗତବର୍ଷ ଡିସେମ୍ବର ୩୦ରେ କୁଦୋପାଲି ଠାରେ 'ବୀର ଛବିଳ ସାଏ ସ୍ମୃତି କମିଟି' ପକ୍ଷରୁ ବୀର ଛବିଳ ସାଏ ଓ ୫୭ ଜଣ ଶହୀଦଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ବିଷୟରେ ସେ ଅବଗତ ହେବା ସହ କୁଦୋପାଲିର ଇତିହାସ ଉପରେ ଗବେଷଣା ସହ ତାହାକୁ ପୂର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ପାଇଁ ଆଇସିଏଚଆର୍ ଓ ଏନବିଟିକୁ ଦାୟିତ୍ୱ ଦେଇଥିଲେ । ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ସେହି କ୍ରମରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । କୁଦୋପାଲିର ବୀରମାନଙ୍କ ସ୍ମୃତିରେ ଏଭଳି ଏକ ଐତିହାସିକ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଶ୍ରୀ ପ୍ରଧାନ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏବଂ ଆଇସିଏଚଆର ଏବଂ ପୁସ୍ତକ ପ୍ରକାଶନ କରିବାରେ ସହଯୋଗୀ ହୋଇଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ




ଧନ୍ୟବାଦ ଜଣାଇଛନ୍ତି ।

ସେ କହିଛନ୍ତି ଆଗାମୀ ଦିନରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଏନବିଟି ତରଫରୁ ଆୟୋଜିତ ହେଉଥିବା ସର୍ବବୃହତ ପୁସ୍ତକ ମେଳା ଅବସରରେ ଲୋକାର୍ପିତ ଏହି ପୁସ୍ତକର ହିନ୍ଦୀ ସଂସ୍କରଣ କରିବା ପାଇଁ ଯୋଜନା ରହିଛି । ପୁସ୍ତକଟିକୁ ଓଡ଼ିଆ ସମେତ ୧୦ଟି ପ୍ରମୁଖ ଭାରତୀୟ ଭାଷାରେ ପ୍ରକାଶିତ କରିବା ପାଇଁ ଏନବିଟିକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଆଜିର ପୁସ୍ତକ ଦ୍ୱାରା କୁଦୋପାଲିର ବଳିଦାନ ଓ ବୀରଗାଥା ବିଶ୍ୱର କୋଣ ଅନୁକୋଣରେ ପହଂଚିବ । ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ଗୌରବକୁ ଏହି ପୁସ୍ତକ ଏକ ଜାତୀୟ ସ୍ୱୀକୃତି ଆଣିଦେବ । ଏ ପ୍ରକାର ଐତିହାସିକ ତଥ୍ୟ ନିରନ୍ତର ଆସିବା ଦରକାର ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର ଦେବ୍ରୀଗଡ଼ ସହ ଥିବା ସମ୍ପର୍କ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ସମ୍ବଲପୁର କାନ୍ତି ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ଓଡ଼ିଶାରେ ଏମିତି କେଉଁ ଜିଲ୍ଲା ନାହିଁ ଯେଉଁ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ପ୍ରେରଣାର କାହାଣୀ ନଥିବ । ଆଉ ପ୍ରାୟ ଦୁଇ ବର୍ଷରେ ସମ୍ବଲପୁର କ୍ରାନ୍ତିର ୨୦୦ ବର୍ଷ ପୂର୍ତ୍ତି ପାଳନ ହେବ । ଏବେଠାରୁ ଆମ ମାଟିର ସଂଘର୍ଷ ସମଗ୍ର ବିଶ୍ୱକୁ ଜଣାଇବା ପାଇଁ ପଡିବ । ଏହି ବୀର ଶହୀଦ ମାନଙ୍କ ତ୍ୟାଗ, ନିଷ୍ଠା ଓ ପରାକ୍ରମ ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଶିକ୍ଷା ମନ୍ତ୍ରୀ କହିଥିଲେ ।

# ରାଉରକେଲାର ବିକାଶ ପାଇଁ ୫୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ହାତକୁ ନିଆଯାଇଛି : ଆରଏମସି କମିଶନର

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ରାଉରକେଲା ମହାନଗର ନିଗମ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ରାଉରକେଲା ଓ ଆଖପାଖ ଅଂଚଳରେ ବିଭିନ୍ନ ଉନ୍ନୟନ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡିକର ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆଜି ମହାନଗର ନିଗମ ସଭାକକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଆରଏମସି ପକ୍ଷରୁ ଜୁଲାଇ ଓ ଅଗଷ୍ଟ ମଧ୍ୟରେ ବିଭିନ୍ନ ୱାର୍ଡରେ ଅଂଚଳବାସୀଙ୍କ ଆପତି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ଜନଶୁଣାଣୀରେ ପାଖାପାଖି ୫୦୦ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣୀ ହୋଇଥିଲା କ୍ଷ ସେଥି ମଧ୍ୟରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା । ସେଥିରୁ ଅଧିକାଂଶ ସମସ୍ୟାର ସମାଧାନ କରା ଯାଇଅଛି । ଚଳିତ ବର୍ଷ ଆରଏମସି ପକ୍ଷରୁ ୫୦୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ନିମନ୍ତେ ୧୦୪ କୋଟି ଟଙ୍କାର ବାର୍ଷିକ ବ୍ୟୟ ଅଟକଳ ରଖାଯାଇଛି । ଏଥିରେ ନିଗମରେ ସାମିଲ ହୋଇଥିବା ନୂତନ ୱାର୍ଡ ଫର୍ଟିଲାଇଜର, ଜଗଦା ଓ ଝାରତରଙ୍ଗର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହା ବ୍ୟତୀତ ଭଣ୍ଡା ଟୋଲା, ତନ୍ତିଟୋଲା, ବୁରୁଟୋଲା, ସିଂ ଟୋଲା , ନଦିଟୋଲା , ବାଲିଯୋଡି ଓ ଜେକେ ନଗରରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣରେ ମଧ୍ୟ ନିବେଶ କରାଯିବ । ସେହିପରି ଶ୍ରୀ କୁଲକର୍ଣ୍ଣି ସୂଚନା ଦେଲେ ଯେ, ମହାନଗର ନିଗମ ଅଚଂଳରେ ମୋଟ ୫୨ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛିକ୍ଷ ସେଥିମଧ୍ୟରୁ ୧୦ ଟି ବିଦ୍ୟାଳୟର ଉନ୍ନତି କରଣ କରାଯାଇଛି । ଆଗାମୀ ଦିନରେ ଆରଏମସି ପକ୍ଷରୁ ୭ ଟି ବିଦ୍ୟାଳୟକୁ ଭଙ୍ଗାଯାଇ ନୂତନ ବିଂଲଡିଂ ନିର୍ମାଣ କରାଯିବ । ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟକଳ ରଖା ଯାଇଛି । ଇଡବ୍ଲୁଏସ ଆବାସ ଗୃହ ବିଷୟରେ ସେ କହିଛନ୍ତି ଯେ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷରୁ ଛେଣ୍ଡ ନିକଟରେ ମନଟୋଲା, ବିପିୟୁଟି ବସ୍ତି, ବିଦ୍ୟୁତ ବସ୍ତିର ବସ୍ତି ବାସିନ୍ଦାମାନଙ୍କ ଥଇଥାନ ନିମନ୍ତେ ସୁଲଭ ମୂଲ୍ୟର ୫୦୦ ଫ୍ଲାଟ୍ ନିର୍ମାଣ କରାଯାଇଛି । ସେମାନଙ୍କର ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି । ଫେବୃଆରୀ ଶେଷ ପର୍ଯ୍ୟନ୍ତ ସ୍ଥାନାନ୍ତରଣ ପ୍ରକ୍ରିୟା ସାରିବାର ଲକ୍ଷ୍ୟ ରଖାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବର୍ଷା ପ୍ରଭାବରେ...

ନୟାଗଡ଼ ଜିଲ୍ଲାରେ ଅଦିନିଆ ବର୍ଷା ଦୁଃଖରକାରଣ ପାଲଟିଛି। କିଛି ଜମିରେ ଧାନ ଗଜା ହୋଇଯାଇଛି ଓ ଧାନ ନଷ୍ଟ ହୋଇ ଯାଇଛି। ଏଭଳିସ୍ଥଳେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ସମେତ କୃଷକ ଯୁବ ମୋର୍ଚ୍ଚା, ବ୍ଲକ ଅଧକ୍ଷା କୃଷକମାନଙ୍କ ସହିତ ଆଲୋଚନା କରି ଜମିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏବେ ମୁଖ୍ୟମନ୍ତ୍ରୀ ରଣପୁରକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେପଟେ ଫସଲ କ୍ଷତି ନେଇ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏକ ବଡ଼ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଆସନ୍ତା ୩୦ ତାରିଖ ସୁଦ୍ଧା ଫସଲ କ୍ଷୟକ୍ଷତି ଆକଳନ କରାଯିବ। ଡିବିଟି ଜରିଆରେ ଚାଷୀଙ୍କୁ ଫସଲ କ୍ଷତିପୂରଣ ପ୍ରଦାନ କରାଯିବ। ବୀମା କରିଥିବା ଚାଷୀ ଓ କରି ନ ଥିବା ଚାଷୀମାନେ ଏହି କ୍ଷତିପୂରଣ ପାଇବେ। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୨୬ ହଜାର ଚାଷୀ ଆବେଦନ କରିଛନ୍ତି। ଏଥିସହିତ ଟୋଲ ଫ୍ରି ନଂ ୧୪୪୪୭ରେ ଆବେଦନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ କୃଷିମନ୍ତ୍ରୀ କେଭି ସିଂଦେଓ, ରାଜସ୍ୱ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀ କୃଷ୍ଣପାତ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ମଧ୍ୟ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମୁହଁରେ ...

ଏବଂ ପାଖ ଜିଲ୍ଲାରେ ବେଶ ଚାହିଦା ରହିଛି । ତେବେ କେବଳ ଟମାଟୋ ନୁହେଁ ତାଙ୍କ ବଗିଚାର ଲଙ୍କା, ବାଇଗଣ, କଦଳୀ ତଥା କଲରାର ମଧ୍ୟ ଚାହିଦା ରହିଥିବା ଜଣାପଡ଼ିଛି। ଗତ ବର୍ଷ ସେ ଛତିଶଗଡ଼ ରାଜ୍ୟକୁ କଲରା ରପ୍ତାନୀ କରିଥିଲେ । ଆଧୁନିକ ତଥା ଜୈବିକ ପଦ୍ଧତିରେ ଚାଷ କରୁଥିବାରୁ ତାଙ୍କ ବଗିଚାକୁ ସ୍ଥାନୀୟ କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ଜ୍ଞାନ ଆହରଣ କରନ୍ତି । ଏପରିକି ଗତ ୨୦୨୨ ଜାନୁଆରୀ ୧୭ ତାରିଖରେ ତତ୍କାଳୀନ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା, ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ପାଢୀ ତାଙ୍କ ବଗିଚା ପରିଦର୍ଶନରେ ଆସି ପରିବା ଚାଷ ପ୍ରତି ତାଙ୍କ ଆଗ୍ରହ ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଏଥିପାଇଁ ତାଙ୍କୁ କଳାହାଣ୍ଡି ଉତ୍ସବ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜ ବଗିଚାରେ ପ୍ରାୟ ୨୦ଟି ପରିବାରକୁ ନିୟମିତ କାମ ଦେଇ ସେ ଜଣେ ଉଦ୍ୟୋଗୀ ପାଲଟିଛନ୍ତି । ସଂପ୍ରତି ଏକ ଚାଷୀ ଉତ୍ପାଦକ ଗୋଷ୍ଠୀ ଗଠନ କରି ଶ୍ରୀ ନାଗ ପରିବା ଚାଷକୁ ବ୍ୟାପକ କରିବା ପାଇଁ ଯୋଜନା କରିଛନ୍ତି । ରବିବାର ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିବାରୁ ସେ ଖୁବ୍ ଆନନ୍ଦିତ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ରାଜ୍ୟରେ ଗଠନ ...

ରାଜ୍ୟ ସରକାର ୧୦ଟି ନୂଆ ବ୍ଲକ ଗଠନ କରିଥିଲେ। ୪୦ବର୍ଷ ମଧ୍ୟରେ ଜନସଂଖ୍ୟା ବହୁ ପରିମାଣରେ ବଢିଥିଲେ ମଧ୍ୟ ବ୍ଲକ ସଂଖ୍ୟା ସମାନ ରହିଛି । ଲୋକଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ପ୍ରଶାସନକୁ ସମସ୍ୟା ମଧ୍ୟ ହେଉଛି। ଅନେକ ସ୍ଥାନରେ ଲୋକଙ୍କୁ ବ୍ଲକ ଅଫିସ ଯିବା ପାଇଁ ବହୁ ଦୂରତ୍ୱ ଅତିକ୍ରମ କରିବାକୁ ମଧ୍ୟ ପଡୁଛି। କୋରାପୁଟର ତେନ୍ତୁଳିଗୁମା ପଞ୍ଚାୟତର ଲୋକେ ପ୍ରାୟ ୭୫କିମି ବାଟ ଅତିକ୍ରମ କଲେ ତାଙ୍କ ବ୍ଲକ ବୈପାରିଗୁଡ଼ା ଆସୁଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି ଯେ, ନୂଆ ବ୍ଲକ ଗଠନ କରିବା ଏକ ଜଟିଳ ପ୍ରକ୍ରିୟା। ଆଇନଗତ ଦିଗ ମଧ୍ୟ ରହିଛି। ଏଥିପାଇଁ ଦୃଢ ରାଜନୈତିକ ଇଚ୍ଛାଶକ୍ତିର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ସରକାର ଏ ଦିଗରେ ପଦକ୍ଷେପ ନେଇଛନ୍ତି । ସେ ନିଜେ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଏନେଇ ଦୁଇଥର ଆଲୋଚନା କରିସାରିଛନ୍ତି। ଆବଶ୍ୟକ ପଡ଼ିଲେ ଏଥିପାଇଁ ସରକାର ଏକ କମିଶନ ଗଠନ ମଧ୍ୟ କରିବେ। ସୂଚନାଯୋଗ୍ୟ, ରାଜ୍ୟରେ ୧୯୫୮ ମସିହାରେ ବ୍ଲକ ସଂଖ୍ୟା ୧୨୪ ଥିବାବେଳେ ୧୯୬୧ରେ ଏହା ୨୧୪କୁ ଓ ୧୯୮୪ରେ ଏହା କ୍ରମାଗତ ବୃଦ୍ଧି ପାଇ ୩୧୪ରେ ପହଞ୍ଚିଛି।

## ଅବତରଣ ବେଳେ...

ପ୍ରାରମ୍ଭିକ ସୂଚନା ଅନୁଯାୟୀ ଲ୍ୟାଣ୍ଡିଂ ଗିଅରରେ ତ୍ରୁଟି ଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଜାତୀୟ ଅଗ୍ନିଶମ ଏଜେନ୍ସି କହିଛି ଯେ ଦୁର୍ଘଟଣା ପରେ ଲାଗିଥିବା ନିଆଁକୁ ପ୍ରାୟ ଆୟତ୍ତ କରାଯାଇଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରହିଛି । ଯାତ୍ରୀମାନଙ୍କୁ ବିମାନର ଭଗ୍ନାବଶେଷରୁ ବାହାରକୁ ଅଣାଯାଉଛି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ସମୟରେ ଦୁଇ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ଏଥିରେ ଜଣେ ଯାତ୍ରୀ ଏବଂ ଜଣେ ଡ୍ରାଇଭର ଅଛନ୍ତି। ସ୍ଥାନୀୟ ସମୟ ୯ଟା ୭ରେ ଦକ୍ଷିଣ-ପଶ୍ଚିମ ତଟବର୍ତ୍ତୀ ବିମାନରେ ଏହି ଦୁର୍ଘଟଣା ଘଟିଛି । ସାଉଥ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ଚୋଇ ସୁଙ୍ଗ-ମୋକ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ୱେଭ୍‌ସରେ ଭାଗ...

ଯାଉଛି । ଆପଣମାନେ ଦାଭୋସ ବିଷୟରେ ଶୁଣିଥିବେ, ଯେଉଁଠାରେ ବିଶ୍ୱର ଆର୍ଥିକ ଜଗତର ମହାରଥୀମାନେ ଏକତ୍ରିତ ହୋଇଥାଆନ୍ତି । ସେହିଭଳି ୱେଭ୍‌ସରେ ସାରା ବିଶ୍ୱର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପର ମହାରଥୀ, ସୃଜନ ଜଗତର ବ୍ୟକ୍ତିବିଶେଷ ଭାରତକୁ ଆସିବେ। ଏହି ସମ୍ମିଳନୀ ଭାରତକୁ ଗ୍ଲୋବାଲ କଣ୍ଟେଟ କ୍ରିଏସନର ହବ୍ କରିବା ଦିଗରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ସେ ଆହୁରି କହିଛନ୍ତି ଏହି ସୂଚନା ଦେବାରେ ମୁଁ ଗର୍ବ ଅନୁଭବ କରୁଛି ଯେ, ଏହି ସମ୍ମିଳନୀ ପାଇଁ ପ୍ରସ୍ତୁତିରେ ଆମ ଦେଶର ୟଙ୍ଗ କ୍ରିଏଟର୍ସ ବା ନୂତନ ସୃଜନଶୀଳ ପ୍ରତିଭାମାନେ ଖୁବ ଉତ୍ସାହର ସହ ଲାଗି ପଡ଼ିଛନ୍ତି । ଆମେ ୫ ଟ୍ରିଲିଅନ ଡଲାର ଇକୋନମୀ ଦିଗକୁ ଅଗ୍ରସର ହେଉଥିବା ସମୟରେ ଆମ କ୍ରିଏଟର ଇକୋନମୀ ଏକ ନୂତନ ଶକ୍ତି ପ୍ରଦାନ କରୁଛି। ମୁଁ ଭାରତର ସମଗ୍ର ମନୋରଞ୍ଜନ ଏବଂ ସୃଜନାତ୍ମକ ଶିଳ୍ପକୁ ଅନୁରୋଧ କରୁଛି, ଆପଣ ଯୁବ ପ୍ରତିଭା ହୁଅନ୍ତୁ କିମ୍ବା ପ୍ରତିଷ୍ଠିତ କଳାକାର, ବଲିଉଡ ସହ ଜଡ଼ିତ ହୋଇଥାଆନ୍ତୁ କିମ୍ବା ଆଞ୍ଚଳିକ ସିନେମା ଜଗତ ସହ, ଟେଲିଭିଜନ ଶିଳ୍ପର ପେଶାଗତ ବ୍ୟକ୍ତି ହୋଇଥାଆନ୍ତୁ କିମ୍ବା ଆନିମେସନ ବିଶେଷଜ୍ଞ, ଗେମିଂ ସହ ଜଡ଼ିତ ଥାଆନ୍ତୁ ବା ଏଣ୍ଟରଟେନମେଣ୍ଟ ଟେକ୍ନୋଲଜିର ଇନୋଭେଟର ହେଇଥାଆନ୍ତୁ ଆପଣ ସମସ୍ତେ ଏହି ସମ୍ମିଳନୀରେ ଭାଗ ନିଅନ୍ତୁ।

## ଡିଭାଇଡରରେ ପିଟି ...

ଅଭିମୁଖେ ଯାଉଥିଲେ। ତେବେ ୧୪୩ ନମ୍ବର ଜାତୀୟ ରାଜପଥର ଚନ୍ଦିପୋଷ ନିକଟରେ ସ୍କର୍ପିଓଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ସମ୍ମୁଖରୁ ଆସୁଥିବା ହାଇୱାକୁ ଧକ୍କା ଦେଇଥିଲା। ସମସ୍ତେ ଗାଡ଼ି ଭିତରେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଏନେଇ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ । ସେତେବେଳକୁ ଗାଡ଼ି ଚାଳକ ଆଦିତ୍ୟଙ୍କ ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବିପିନ ସେଠୀଙ୍କୁ ମୃତ ଘୋଷଣା କରିଥିଲେ। ଏବେ ପବିତ୍ର ସାହୁଙ୍କର ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ଚାଲିଥିବା ବେଳେ ଶେଖ ରାମଜାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜେପି ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି।

## ଗୁପ୍ତେଶ୍ୱର...

ସୁକୁ ନାଳ ନିକଟରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି । ଆହତମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଣେ ନାବାଳିକାଙ୍କର ଗୋଟିଏ ଗୋଡ଼ ଓ ଗୋଟିଏ ହାତ କଟି ଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ତୁରନ୍ତ ପହଞ୍ଚିଥିଲେ ରାମଗିରି ୧୮୦ ବାଟାଲିୟନ ବିଏସଏଫ ଯବାନ। ସେମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପରେ କୋରାପୁଟ ସ୍ଥିତ ଓଡ୍ରାଫ ଟିମ ସହ ସ୍ଥାନୀୟ ଯୁବକ ମାନେ ଆସି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ବିଏସଏଫ ଆମ୍ବୁଲାନ୍ସ ସହ ବୈପାରିଗୁଡ଼ା ଓ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଦ୍ୱାରା ଆହତମାନଙ୍କୁ ବୈପାରିଗୁଡା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । କୋରାପୁଟ ଏସପି ରୋହିତ ବର୍ମା, ଅତିରିକ୍ତ ଏସପି, ବୈପାରିଗୁଡ଼ା ବିଡିଓ ଓ ତହସିଲଦାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। କୋରାପୁଟ ଡକରିଘାଟି ବସ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ନୂଆବର୍ଷର...

ମନାନ୍ତର ସମରସଜ୍ଜାକୁ ଖୋରାକ ଯୋଗାଇବ । କିଛି ଦେଶରେ ଆଦ୍ୟସଂକଟ ଓ ଅରାଜକତା ଦେଖାଦେଇପାରେ। ବ୍ରିଟେନ୍, ସ୍କଟଲ୍ୟାଣ୍ଡ, ଜାପାନ, ରଷ ଆଦି ରାଷ୍ଟ୍ରରେ ଭାରି ପରିବର୍ତ୍ତନର ଆଶଙ୍କା। ୟୁରୋପରେ ବିଶିଷ୍ଟ ପ୍ରଶାସକଙ୍କ ମୃତ୍ୟୁରେ ଶୋକ ପାଳନ ହେବ । ବହୁରାଷ୍ଟ୍ରରେ ବ୍ୟୋମ ଦୁର୍ଘଟଣା ଓ ଅଗ୍ନିକାଣ୍ଡରେ କ୍ଷୟକ୍ଷତି । ମହାକାଶରେ ଗବେଷଣା, ସ୍ୱାସ୍ଥ୍ୟ ବିଜ୍ଞାନ, ଦୂରସଂଚାର, ଆଣବିକ ଓ ସାମରିକ କ୍ଷେତ୍ରରେ ନୂତନ ଆବିଷ୍କାର ଜନମାନସରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଭାରତ-ଦେଶର ଗ୍ରହସ୍ଥିତିରୁ ଅନୁମେୟ ହୁଏ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସୁସମ୍ପର୍କ ବିରାଜମାନ କରିବ । ଶିଳ୍ପାୟନରେ ପ୍ରଗତି ତଥା ବିଦେଶୀ ପୁଞ୍ଜିନିବେଶ କ୍ଷେତ୍ରରେ ଆଶାତୀତ ସାଫଲ୍ୟତା ମିଳିବ । ଶାସକ ଦଳର ଆର୍ଥିକନୀତି ଦେଶରେ ପରିବର୍ତ୍ତନ ଆଣିବ । ଆର୍ଥିକମାନ୍ଦାବସ୍ଥା ମଧ୍ୟ ଦୃଷ୍ଟିଗୋଚର ହେବ । ବିଭିନ୍ନ ଖାଦ୍ୟର ମୂଲ୍ୟବୃଦ୍ଧି ଜନଅସନ୍ତୋଷ ସୃଷ୍ଟି କାରକ ହେବ । ରାଜନୈତିକ କ୍ଷେତ୍ରରେ କେତେକ ରାଜ୍ୟରେ ଉତ୍ଥାନପତନ ହୋଇ ଗତି କରିବ । ଉତ୍ତର ପଶ୍ଚିମ ଭାଗରେ ଜନ ଅଶାନ୍ତି ସହିତ ଅଗ୍ନିକାଣ୍ଡରେ ଧନଜୀବନ ହାନିର ଆଶଙ୍କା, ବନ୍ଦୀମାନଙ୍କ ସ୍ୱଧାର ଗୃହରେ ଅରାଜକତା ସୃଷ୍ଟି ହେବ । ବିଭିନ୍ନ ରାଜ୍ୟରେ ରାଷ୍ଟ୍ର ବିରୋଧୀ ଷଡଯନ୍ତ୍ରକାରୀଙ୍କ ଉତ୍ପାତ ବଢିବ । ସରକାରଙ୍କର ଜନହିତକାରୀ ଯୋଜନା ଜନମାନସରେ ଗ୍ରହଣୀୟ ହେବ । ବିବିଧ ନିର୍ଣ୍ଣୟରେ ବିରୋଧାଭାଷର ସମ୍ମୁଖୀନ ହେବେ । ସାଂପ୍ରଦାୟିକ ଅସନ୍ତୋଷ ବୃଦ୍ଧି ପାଇବ । ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟ ସମ୍ପର୍କରେ ଅଭିବୃଦ୍ଧି ଘଟିବ । ପାଣିପାଗକୁ ଦେଖିଲେ ଜଳବାୟୁ ପରିବର୍ତ୍ତନ ହେବ । କେତେକ ଅଞ୍ଚଳରେ ଝଡ, ତୋଫାନ ଏବଂ ଜଳପ୍ରଳୟ ଆସିବ । ସୀମାନ୍ତରେ ଶତ୍ରୁ ଦେଶର ଆତାଙ୍କବାଦୀ କାର୍ଯ୍ୟକଳାପ ଲାଗି ରହିବ । ସାମରିକ କ୍ଷେତ୍ରରେ ଆମଦେଶର ଶକ୍ତି ସମ୍ପର୍କରେ ସମଗ୍ର ବିଶ୍ୱ ଅବଗତ ହେବ ଏବଂ ଆନ୍ତରିକ ପ୍ରଶଂସା ମିଳିବ । ଖାଦ୍ୟଶସ୍ୟ ଉତ୍ପାଦନରେ ଦେଶ ବେଶ୍ ଅଗ୍ରସର ହେବ । କୀଟ ପତଙ୍ଗ ଦ୍ୱାରା ଫସଲ କେତେକ ରାଜ୍ୟରେ ନଷ୍ଟ ହେବ । ଦେଶର ପୂର୍ବ ଭାଗରେ କିଛି ସ୍ଥାନରେ ଜଳ ଶୁଷ୍କତା ଅନୁଭବ ହେବ । ସୌରଶକ୍ତିର ଉପଯୋଗ ପାଇଁ ଜନ ସାଧାରଣ ଚେଷ୍ଟିତ ହେବେ । ଆଧାତ୍ମିକ କ୍ଷେତ୍ରରେ ପ୍ରଚାର ପ୍ରସାର ଅଧିକ ହେବ । ସନାତନୀମାନେ ନିଜର କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହେବେ । ରେଳ ଯୋଗାଯୋଗରେ ଉନ୍ନତି । ଓଡ଼ିଶା-ରାଜ୍ୟର ପରାକାଷ୍ଠା ଏ ବର୍ଷ ବିଶ୍ୱ ଦରବାରରେ ପ୍ରସିଦ୍ଧିଲାଭ କରିବ । ରାଜନୈତିକ ସ୍ତରରେ ବିରୋଧୀଙ୍କ ହୋହଲ୍ଲା କୌଣସି ପ୍ରଭାବ ପକାଇବ ନାହିଁ, ପାଣିପାଗ କୃଷି ଉପଯୋଗୀ ହେବ । ଖରାଦିଆ ଫସଲ ଉତ୍ପାଦନ ଭଲ ହେଲେ ମଧ୍ୟ ରବି ଫସଲ ଅମଳ କମିଯିବ । ଅହେତୁକ ଜଳବୃଷ୍ଟି ବହୁ ସ୍ଥାନରେ ବିପଦ ସୃଷ୍ଟି କରିବ । ଶାସକ ଦଳ ନିଜର ପ୍ରଭାବ ବିସ୍ତାର କରି ଚାଲିଲେ ମଧ୍ୟ ଚନ୍ଦ୍ରମାକୁ କଳଙ୍କ ପରି କେତେକ ଅପ୍ରୀତିକର ପରିସ୍ଥିତି ଶାସନକଳକୁ ବଦ୍‌ନାମ କରିବ । କ୍ରୀଡା, ସ୍ୱାସ୍ଥ୍ୟ, ସାଂସ୍କୃତିକ ଓ ଆଧାତ୍ମିକ କ୍ଷେତ୍ରରେ ବିକାଶ ଓ ଉନ୍ନତି ବଜାୟ ରହିବ । ବହୁ ନୂଆ ନୂଆ ଯୋଜନାର କାର୍ଯ୍ୟକାରିତା ହେବ । ଗ୍ରୀଷ୍ମତାପର ପ୍ରାବଲ୍ୟତା ବୃଦ୍ଧି ପାଇବ । ଗୁଳୁଗୁଳିର ମାତ୍ରା ଅଧିକ ହେବ । ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ସ୍ୱଳ୍ପବୃଷ୍ଟି ହେଲେ ମଧ୍ୟ ଅକ୍ଟୋବର ମାସରେ ଅଧିକ ଲଘୁଚାପ ଜନିତ ବର୍ଷା ଜାରି ରହିବ । ଅତ୍ୟାବଶ୍ୟକ ସାମଗ୍ରୀର ଅନଟନ ଜନ ମାନସରେ ପ୍ରତିଫଳିତ ହେବ । ବିଜ୍ଞାନ କାରିଗରୀ କ୍ଷେତ୍ରରେ ଆମ ରାଜ୍ୟ ପ୍ରଶଂସିତ ହେବାର ଆଶା। ପ୍ରାକୃତିକ ଦୁର୍ବିପାକ ଖଣ୍ଡପ୍ରଳୟ ରଚନା କରିବା ସହିତ ଯାନଦୁର୍ଘଟଣାରେ କ୍ଷୟକ୍ଷତିର ସମ୍ଭାବନା ରହୁଛି । ଏମିତି ଅନେକ ସୁବିଧା ଅସୁବିଧା ମଧ୍ୟରେ ଓଡ଼ିଶାବାସୀ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ବିପଦ ଆପଦରୁ ନିଶ୍ଚୟ ସୁରକ୍ଷିତ ରହିବେ ଏଥିରେ ସନ୍ଦେହ ନାହିଁ ।

ଭୁବନେଶ୍ୱର
୩୦ ଡିସେମ୍ବର
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ସ୍ୱର୍ଗଦ୍ୱାରରେ ଶବ ଯନ୍ତ୍ରଣା : ମୃତଦେହ ଥୋଇବାକୁ ମିଳୁନି ପିଣ୍ଡି



ପୁରୀ,୨୯/୧୨ ନ୍ୟୁଜ ବ୍ୟୁରୋ
ପୁରୀ ସ୍ୱର୍ଗଦ୍ୱାରରେ ଶବ ପାଉଛି ଯନ୍ତ୍ରଣା। ପିଣ୍ଡି ଅଭାବ ସମସ୍ୟା ଏବେ ଶବ ଯନ୍ତ୍ରଣାର ମୁଖ୍ୟ କାରଣ ହୋଇଛି। ଫଳରେ ପରିସ୍ଥିତି ଏପରି ହୋଇଛି ଯେ, ଶବ ପୁରା ପୋଡ଼ି ପାଉଁଶ ହେବା ପୂର୍ବରୁ ପାଣି ପକାଇ ଲିଭାଇ ଦିଆଯାଉଛି । ଅପୋଡ଼ା ରହୁଥିବା ଶରୀର ବିଭିନ୍ନ ଅଂଶ ଓ ହାଡ଼ ପ୍ରଭୃତିକୁ ଯଥା ସମ୍ଭବ ଶୀଘ୍ର ସଫା କରି ଏହି ସ୍ଥାନରେ ନୂଆ ଜୁଇ ଜଳୁଛି । ଶବ ସଂଖ୍ୟା ପ୍ରତିଦିନ ବଢୁଥିବାରୁ ସୀମିତ ସଂଖ୍ୟକ ୨୪ଟି ପିଣ୍ଡିରେ ଦାହ ସଂସ୍କାର କରିବା ସମସ୍ୟା ହେଉଛି । ସନ୍ଧ୍ୟା ପରେ ଶବ ସଂଖ୍ୟା ବଢୁଛି । ଏହା ସ୍ୱର୍ଗଦ୍ୱାର ଶବ ରଖିବା ସ୍ଥାନ ପୂରଣ ହେବା ପରେ ଲୋକଙ୍କ ପ୍ରତୀକ୍ଷା ସ୍ଥଳ ଓ ଶେଷରେ ରାସ୍ତାରେ ପଡ଼ି ରହୁଛି। ସ୍ଥାନାଭାବରୁ ଶବବୁହା ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଅପେକ୍ଷା କରୁଛି । ପିଣ୍ଡିରେ ଶବ ଥୋଇ ପୋଡ଼ିବା ନିମନ୍ତେ ଆବଶ୍ୟକ ସାଇଜ୍ କାଠ ଗଣ୍ଡା ମିଳୁନଥିବା ଅଭିଯୋଗ ହେଉଛି। ସେହିପରି ସ୍ୱର୍ଗଦ୍ୱାର ଶବ ପୋଡ଼ିବାରେ ଶୋଷଣ ସୀମା ଟପିଲାଣି । ବ୍ରାହ୍ମଣ ଓ ପୋଡ଼ାଳି ସରକାରଙ୍କଠାରୁ ପ୍ରର୍ଯ୍ୟାପ୍ତ ପ୍ରାପ୍ୟ ନେଉଥିଲେ ହେଁ ଶବ ପୋଡ଼ିବା ନିମନ୍ତେ ଆସୁଥିବା ପରିଜନଙ୍କଠାରୁ ଦକ୍ଷିଣା ଓ ପାଉଣା ଦାବି କରି ଶୋଷଣ କରୁଛନ୍ତି। ସ୍ୱର୍ଗଦ୍ୱାରକୁ ଆବଶ୍ୟକ ପରିମାଣର ଶୁଖିଲା ଓ ସାଇଜ୍ କାଠ ମିଳୁନଥିବା ବେଳେ ପ୍ରଶାସନ ପକ୍ଷରୁ ଶବ ପୋଡ଼ିବା ନିମନ୍ତେ ଦେଢ଼ କ୍ୱିଣ୍ଟାଲ ସ୍ଥାନରେ ୧.୮୦ କ୍ୱିଣ୍ଟାଲ କାଠ ଦିଆଯାଉଛି । ଦୂରଦୂରାନ୍ତରୁ ପ୍ରଚୁର ଟଙ୍କା ଦେଇ ଗାଡି ଭଡ଼ା କରି ସ୍ୱର୍ଗଦ୍ୱାରକୁ ଶବ ନେଇ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ଅନେକ ହରିଶ୍ଚନ୍ଦ୍ର ଯୋଜନାର ସୁବିଧା ନେଉଛନ୍ତି। ଏହି ଯୋଜନାରେ ସରକାର ଶବ ପୋଡ଼ିବା ନିମନ୍ତେ ୪ ହଜାର ଟଙ୍କା ଦେଉଛନ୍ତି । ତେଣୁ ଲୋକଙ୍କ ପକେଟକୁ ଏହା ବେଶ୍ ସୁହାଉଛି । ତେଣୁ ଦୂରଦୂରାନ୍ତ ଜିଲ୍ଲାରୁ ମଧ୍ୟ ପରିଜନମାନେ ଶବକୁ ନିଜ ଗାଁ ଶ୍ମଶାନରେ ଦାହ କରି ଦହଗଞ୍ଜ ହେବା ଅପେକ୍ଷା ପୁରୀ ସ୍ୱର୍ଗଦ୍ୱାରକୁ ଠିକ୍ ମନେ କରୁଛନ୍ତି । ଫଳରେ ସ୍ୱର୍ଗଦ୍ୱାରରେ ଶବ ସଂଖ୍ୟା ବଢ଼ିବାରେ ଲାଗିଛି ଓ ମାତ୍ର ୨୪ଟି ପିଣ୍ଡିରେ ଦାହ ସଂସ୍କାର ସମସ୍ୟା ଦେଖାଦେଇଛି । ଏନେଇ ଉପଜିଲ୍ଲାପାଳ ତଥା ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ କହିଛନ୍ତି, ଅବ୍ୟବସ୍ଥାକୁ ସୁଧାରିବାକୁ ପ୍ରଶାସନିକ ସ୍ତରରେ ବୈଠକ ହୋଇଛି। ସ୍ୱର୍ଗଦ୍ୱାର ଯାଇ ସ୍ଥିତିକୁ ମଧ୍ୟ ନିରୀକ୍ଷଣ କରାଯାଇଛି। ଖୁବ୍‌ଶୀଘ୍ର ଏଠାରେ ଉନ୍ନତମାନର ସେବା ସମସ୍ତଙ୍କୁ ମିଳିବ ।

## ଆରମ୍ଭ ହେଲା ସିଂହଦ୍ୱାର ଗୁମୁଟରେ ରୂପା ଛାଉଣୀ କାର୍ଯ୍ୟ

ପୁରୀ, ୨୯/୧୨ ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ରୁପା ଛାଉଣୀ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ପତିତପାବନଙ୍କ ନିକଟ ପଥରର ମଣିବନ୍ଧକୁ ରୁପା ଛାଉଣୀ କରାଯାଉଛି। ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ରୁପା ଛାଉଣୀ କରାଯାଉଛି। ସିଂହଦ୍ୱାର ଗୁମଟରେ ଯେଉଁଠି ଯମଶିଳା ରହିଛନ୍ତି, ଠିକ ତା'ର ଉପରି ଭାଗ ପଥର ବନ୍ଧ ଉପରେ ରୁପା ଛାଉଣୀ କରାଯାଉଛି। ସିଂହଦ୍ୱାର ଗୁମୁଟ ବନ୍ଦ ଥିବା ସମୟରେ ଏହି କାର୍ଯ୍ୟ କରାଯାଇଛି।

## ଅଦରକାରୀ ଜିନିଷରୁ ମା' କଟକ ଚଣ୍ଡୀଙ୍କ ନୂଆ ପ୍ରକଳ୍ପ ମଡେଲ୍ ପ୍ରସ୍ତୁତ କଲେ ଚିତ୍ର ଶିଳ୍ପୀ ସ୍ମୃତି ରଞ୍ଜନ



କଟକ ୨୯ ।୧୨ ନ୍ୟୁଜ ବ୍ୟୁରୋ
କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ନବୀକରଣ କାର୍ଯ୍ୟ ଜୋରଦାର ଚାଲିଛି । ଏମିତିକି ଏହାରି ଭିତରେ ନୂତନ ପ୍ରକଳ୍ପର ଥ୍ରୀଡ଼ି ଡିଜାଇନ୍ ଆସିବା ପରେ ଭକ୍ତଙ୍କ ମଧ୍ୟରେ ଖୁସି କାହିଁରେ କ'ଣ । କେବେ ନିର୍ମାଣ କାମ ସରିବ ସମସ୍ତେ ଚାହିଁ ବସିଥିବା ବେଳେ ଏହାରି ଭିତରେ କଟକର ଚିତ୍ର ଶିଳ୍ପୀ ସ୍ମୃତି ରଞ୍ଜନ ମହାନ୍ତି ସମ୍ପୂର୍ଣ୍ଣ ଅଦରକାରୀ ଜିନିଷକୁ ବ୍ୟବହାର କରି ମା' କଟକ ଚଣ୍ଡୀଙ୍କ ନୂତନ ପ୍ରକଳ୍ପର ମଡେଲ ତିଆରି କରିଛନ୍ତି । ଏଥିପାଇଁ ସେ ଦୁଇ ଶହ ଦିଆସିଲି କାଠି, କାର୍ଡ ବୋର୍ଡ, ସୋଲ ଓ ଅଦରକାରୀ ମାଳିକୁ ବ୍ୟବହାର କରିଥିଲେ । ସବୁଠାରୁ ବଡ଼ କଥା ହେଲା କି ସମ୍ପୂର୍ଣ୍ଣ ମଡ଼େଲର ଅବିକଳ କରିବା ପାଇଁ ସ୍ମୃତିଙ୍କୁ ଅତି ସୂକ୍ଷ୍ମ ଭାବେ କାର୍ଯ୍ୟ କରିବାକୁ ପଡ଼ିଥିଲା। ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ତିନି ଦିନ ଲାଗିବା ସହ ମୋଟ୍ ଦିନକୁ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା । ଇଣ୍ଟରନେଟ୍‌ରୁ ଥ୍ରୀଡି ଡିଜାଇନ୍ ଦେଖି ମଡେଲ ତିଆରି କରିଥିବା କଥା ସ୍ମୃତି ରଞ୍ଜନ କହିଛନ୍ତି । ପୂର୍ବରୁ ମଧ୍ୟ ସ୍ମୃତି ରଞ୍ଜନ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ସମୟରେ, ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ସମୟରେ ଅଦରକାରୀ ଜିନିଷରୁ ସୁନ୍ଦର ମଡ଼େଲ ନିର୍ମାଣ କରି ବେଶ୍ ପ୍ରଶଂସିତ ହୋଇଥିଲେ । ଖାଲି ସେତିକି ନୁହେଁ ବିଗତ ଦିନରେ ମଧ୍ୟ ଅନେକ କଳାକୃତି କରି ଆସିଛନ୍ତି ସ୍ମୃତି ରଞ୍ଜନ ।

## ଆଜି ଗଞ୍ଜାମ ଓ ୩୧ରେ ୪ ସହରରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବେ ନବୀନ



ଭୁବନେଶ୍ୱର, ୨୯/୧୨ ନ୍ୟୁଜ ବ୍ୟୁରୋ
ଅଦିନିଆ ବର୍ଷା ଜନିତ ଫସଲ କ୍ଷତି ଓ ଜଣକ ପରେ ଜଣେ ଚାଷୀଙ୍କ ମୃତ୍ୟୁ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋଙ୍କୁ ମ୍ରିୟମାଣ କରିଛି। ସରକାରରେ ଥିବାବେଳେ ସର୍ବଦା ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ନବୀନ ସମ୍ପ୍ରତି ଚାଷୀଙ୍କ ସହ ଠିଆ ହୋଇଛନ୍ତି। ସୋମବାର ଶ୍ରୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ହିଞ୍ଜିଳି, ଶେରଗଡ଼, କବିସୂର୍ଯ୍ୟନଗର, ଆସିକା ଓ ଖଲିକୋଟ ବ୍ଲକରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଭେଟିବେ। ଏଥିସହ ନବୀନ ସମ୍ପୃକ୍ତ ଅଞ୍ଚଳର ସରକାରୀ ଅଧିକାରୀମାନଙ୍କ ସହ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ। ଏଥି ସହିତ ମଙ୍ଗଳବାର ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯିବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ପୁରୀର ସତ୍ୟବାଦୀ, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, କଟକର ସାଲେପୁର ସମେତ ଜଗତସିଂହପୁରର ବାଲିକୁଦା ବ୍ଲକ ବୁଲି ଗ୍ରାଉଣ୍ଡ ଲେବୁଲରେ ଚାଷୀଙ୍କ ସହ ସିଧାସଳଖ କଥା ହୋଇ ସମସ୍ୟା ବିଷୟରେ ରିପୋର୍ଟ ନେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଦିନିଆ ବର୍ଷା ପାଇଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଫସଲହାନୀ ହୋଇଛି। କିଛି ଦିନ ତଳେ ଛତ୍ରପୁର ଅଞ୍ଚଳର ଜଣେ କ୍ଷତିଗ୍ରସ୍ତ ଚାଷୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସମ୍ପର୍କରେ ଅଧିକ ଅନୁଧ୍ୟାନ ପାଇଁ ନବୀନଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ଫାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସେହି ସ୍ଥାନ ଗସ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥର ଧାନ କିଣାରେ ଅବ୍ୟବସ୍ଥା ଓ ବର୍ଷା ଜନିତ ଫସଲ ହାନୀକୁ ନେଇ ନବୀନ ଚିନ୍ତା ପ୍ରକଟ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଥିବା କହିଛନ୍ତି ।

## ଚାଷ ଜମି ବୁଲି ଫସଲର କ୍ଷୟକ୍ଷତି ଅନୁଧ୍ୟାନ କଲେ ଉପ-ମୁଖ୍ୟମନ୍ତ୍ରୀ

କଟକ, ୨୯/୧୨ ନ୍ୟୁଜ ବ୍ୟୁରୋ
ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଫସଲ କ୍ଷତିଗ୍ରସ୍ତ ହୋଇଛି । ବର୍ଷା ପାଣି ଜମି ରହିବା ଫଳରେ ଧାନ ବିଲରେ ଗଜା ହେଲାଣି । ଋଣ ଓ ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ଏବେ ସର୍ବଶ୍ୱାନ୍ତ ହୋଇଛନ୍ତି । ଚାଷୀମାନଙ୍କ କ୍ଷୟକ୍ଷତି ଦେଖିବା ପାଇଁ ରବିବାର କଟକ ଜିଲ୍ଲା ନିଆଳି ବ୍ଲକ ଜଳାରପୁର ପଞ୍ଚାୟତ ଷୋଳମଙ୍ଗା ଅଞ୍ଚଳ ପରିଦର୍ଶନ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ । ଧାନ କ୍ଷେତକୁ ଯାଇ ଚାଷୀଙ୍କୁ କ୍ଷୟକ୍ଷତି ବିଷୟରେ ପଚାରି ବୁଝିଛନ୍ତି ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । କ୍ଷତିଗ୍ରସ୍ତ ଚାଷୀମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଗଜା ହୋଇଯାଇଥିବା ଧାନ ଦେଖାଇଥିଲେ। ଚାଷୀମାନଙ୍କ ସହିତ ଆଲୋଚନା ପରେ ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ନିଆଳି ସ୍ଥିତ କୃଷି




କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ । ବୈଠକରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଏଡିଓ ଚନ୍ଦ୍ର ମୋହନ ଚାନ୍ଦ, ନିଆଳି କୃଷି ଅଧିକାରୀ ସଂଧାରାଣୀ ଦାଶ, ନିଆଳି ତହସିଲଦାର ଲିଳନ ପ୍ରସାଦ ସାହୁ, ବିଡ଼ିଓ ଜଗଦୀଶ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ କହିଛନ୍ତି,'ଯେଉଁ ଚାଷୀମାନଙ୍କର କ୍ଷୟକ୍ଷତି ହୋଇଛି ସେମାନଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ସମୀକ୍ଷା ବୈଠକରେ ନିଷ୍ପତ୍ତି ନେଇଥିଲୁ । କେନ୍ଦ୍ର କିମ୍ବା ରାଜ୍ୟ ସରକାର ଯୋଜନାରେ ଚାଷୀର କ୍ଷୟକ୍ଷତି ଯୋଗାଇ ଦେବା ପାଇଁ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହିତ ଆଲୋଚନା ହୋଇଛି । ନିଆଳି ଅଞ୍ଚଳର କିଛି ଜମି ବୁଲି ଦେଖିଛି । ଯେଉଁଠିକୁ ଯାଇଥିଲି ସେଠି ଧାନ ଗଜା ହୋଇଯାଇଛି । ଧାନ ସାମ୍ପୁଲ ଏବଂ ପାନପତ୍ର ସାମ୍ପୁଲ ସଂଗ୍ରହ କରିଛୁ । ସୋମବାର ପୁଣି ବୈଠକ ଡକାଯିବ । ଚାଷୀଙ୍କୁ ସବୁପ୍ରକାର ସାହାଯ୍ୟ ସହଯୋଗ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ।' ଯେଉଁ କ୍ଷତିଗ୍ରସ୍ତ ଚାଷୀମାନେ ଏବେ ସୁଦ୍ଧା ପଞ୍ଜୀକରଣ କରିନାହାନ୍ତି ସେମାନେ ରବିବାର ରାତି ସୁଦ୍ଧା ପଞ୍ଜୀକରଣ କରିବାକୁ ଉପ-ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଟୋଲ-ଫ୍ରୀ ନମ୍ବର '୧୪୪୪୭'ରେ ଡାଏଲ କରି ଏକ ମିସ୍‌ଡକଲ ଦେଲେ ମଧ୍ୟ ଚାଷୀଙ୍କ ନାଁ ପଞ୍ଜୀକରଣ ହୋଇଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ନୟାଗଡ ଓ ଗଜପତି ଜିଲ୍ଲାରେ ବିଭିନ୍ନ କ୍ଷିତଗ୍ରସ୍ତ ଅଞ୍ଚଳ ଭୁଲି ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ଅଦିନିଆ ଲଘୁଚାପ ବର୍ଷାରେ କଟକ ଜିଲ୍ଲା ନିଆଳି ଅଞ୍ଚଳରେ ଧାନ, ପାନ ଓ ପନିପରିବା ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଛି । ଚାଷୀମାନେ ଗଜାଧାନ ଓ ପାନ ଇତ୍ୟାଦିକୁ ମନ୍ତ୍ରୀଙ୍କୁ ଦେଖାଇଥିଲେ । କଟକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ନିଆଳି କୃଷି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଥିଲେ । ତୁରନ୍ତ ଚାଷୀ ମାନଙ୍କର ଫସଲ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ ସହ ଯେଉଁ ଚାଷୀମାନଙ୍କର ବୀମା ହୋଇନାହିଁ ସେମାନଙ୍କର ତୁରନ୍ତ ବୀମା କରାଯିବା ପାଇଁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ।

# ନୂଆବର୍ଷରୁ କାର୍ଯ୍ୟକ୍ଷମ ହେବ ରାଜ୍ୟ ଆଇନ କମିଶନ



ଭୁବନେଶ୍ୱର, ୨୯।୧୨ ନ୍ୟୁଜ ବ୍ୟୁରୋ
ରାଜ୍ୟରେ ଥିବା ପୁରୁଣା ଓ ଅନାବଶ୍ୟକ ଆଇନ ହେବ ଉଚ୍ଛେଦ । ଆବଶ୍ୟକତା ଅନୁସାରେ ନୂଆ ଆଇନ ଆସିବ । ସରକାର ଗଠନ କରିଛନ୍ତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ପୂର୍ଣ୍ଣାଙ୍ଗ ଆଇନ କମିଶନ । ୩ ବର୍ଷ ପାଇଁ କମିଶନ କାମ କରିବ । ନୂଆବର୍ଷରୁ ତୋଷାଳି ପ୍ଲାଜାରେ କମିଶନଙ୍କ କାର୍ଯ୍ୟାଳୟ କାମ କରିବ । ରାଜ୍ୟ ଆଇନଗୁଡ଼ିକୁ ତର୍ଜମା କରି ସରକାରଙ୍କୁ ବିଭିନ୍ନ ସୁପାରିସ କରିବ କମିଶନ। ନୂଆବର୍ଷରୁ କାର୍ଯ୍ୟକ୍ଷମ ହେବ ରାଜ୍ୟ ଆଇନ କମିଶନ । ପୁରୁଣା ଅନାବଶ୍ୟକ ଆଇନ ରଦ୍ଦ, ନୂଆ ଆଇନର ଆବଶ୍ୟକତା ଓ ଆଇନର କାର୍ଯ୍ୟକାରିତାରେ ଥିବା ପ୍ରତିବନ୍ଧକ ହଟାଇବାକୁ କମିଶନ ସରକାରଙ୍କୁ କରିବ ସୁପାରିଶ । ହାଇକୋର୍ଟଙ୍କ ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନରେ ଆଡଭୋକେଟ ଜେନେରାଲ, ଆଇନ ସଚିବ, ପୂର୍ବତନ ଏଜି ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରକାଶ ମିଶ୍ର, ସୌରଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ରହିବେ । ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀ କମିଶନଙ୍କ ସଚିବ ଭାବେ କାମ କରିବେ । କମିଶନ ରାଜ୍ୟରେ ଥିବା ବିଭିନ୍ନ ଆଇନର ତର୍ଜମା କରି ସରକାରଙ୍କୁ ପରାମର୍ଶ ଦେବେ । ଶୀଘ୍ର ଆଉ ଜଣେ ଅଭିଜ୍ଞଙ୍କୁ ନୂଆ ସଦସ୍ୟ ଭାବେ ନିଯୁକ୍ତି ମିଳିବ । ଦୀର୍ଘ ଦିନ ପରେ ଏକ ପୂର୍ଣ୍ଣାଙ୍ଗ କମିଶନ ଗଠନ ହୋଇଥିବାରୁ କାମ କରିବାର ସୁଯୋଗ ମିଳିବ ବୋଲି ଅଧ୍ୟକ୍ଷ କହିଛନ୍ତି । ଫୌଜଦାରୀ ଓ ଦେୱାନୀ ମାମଲା ନେଇ ଅନେକ ଆଇନ ରହିଛି ଯାହାର ଏବେ ଆବଶ୍ୟକତା ନାହିଁ । ଅନେକ ଆଇନ ସମ୍ପୂର୍ଣ୍ଣ ହଜି ଗଲାଣି । କିଛି ଆଇନ ରହିଛି ଯାହା କାର୍ଯ୍ୟକାରୀ କରିବା କଷ୍ଟ । ଏମିତି ବି ଆଇନ ରହିଛି, ଯାହା ଅଧୀନରେ ବର୍ଷ ବର୍ଷ ଧରି କୌଣସି ମାମଲା ରୁଜୁ ହୋଇନାହିଁ । ସମୟ ସହ ତାଳ ଦେଇ ଏବେ କିଛି ନୂଆ ଆଇନର ଆବଶ୍ୟକତା ବି ରହିଛି । ଏସବୁର ତର୍ଜମା କରିବେ ଆଇନ କମିଶନ । ସରକାରଙ୍କ ନିଷ୍ପତ୍ତିକୁ ଆଇନଜୀବୀ ସ୍ୱାଗତ କରିଥିବା ବେଳେ ଘରଭଡ଼ା ନିୟନ୍ତ୍ରଣ ଆଇନ, ପୁରୁଷ ସୁରକ୍ଷା ଆଇନ ଭଳି ନୂଆ ଆଇନ ସମୟର ଆବଶ୍ୟକତା ବୋଲି କହିଛନ୍ତି । ଏଥିସହ କମିଶନରେ ସାଇବର କ୍ରାଇମ, ଇକୋନୋମିକ ଅଫେନ୍ସ ଭଳି ମାମଲା ରୋକିବାକୁ ବିଭିନ୍ନ କ୍ଷେତ୍ରରୁ ଅଭିଜ୍ଞ ବ୍ୟକ୍ତିଙ୍କୁ ସାମିଲ କରିବାକୁ ଅପିଲ କରିଛନ୍ତି । ଆଇନର ସମୀକ୍ଷା, ଆଇନ ବାବଦରେ ସଚେତନତା, ସଠିକ କାର୍ଯ୍ୟକାରିତା ବାବଦରେ ଆଇନ କମିଶନ ସରକାରଙ୍କୁ ସୁପାରିଶ କରିବେ ବୋଲି ସେ କହିଥିଲେ।

## ଅଦରକାରୀ ଆଇନ ଖୋଜିବେ ଆଇନ ଆୟୋଗ : ଆଇନ୍ ମନ୍ତ୍ରୀ




ଭୁବନେଶ୍ୱର,୨୯/୧୨
ନ୍ୟୁଜ ବ୍ୟୁରୋ
ଦୀର୍ଘଦିନ ହେବ ରାଜ୍ୟରେ କିଛି ଅଦରକାରୀ ଆଇନ ରହିଛି । ଯାହା ରାଜ୍ୟବାସୀଙ୍କ କୌଣସି କାମରେ ଲାଗୁନାହିଁ । ଏବେ ନବଗଠିତ ଆଇନ ଆୟୋଗ (ଲ' କମିସନ) ଏହି ଅଦରକାରୀ ଆଇନଗୁଡ଼ିକୁ ଖୋଜିବ । ସୁଶାସନ ପ୍ରତିଷ୍ଠା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ । ଏହି ଆୟୋଗରେ ଜଣେ ଆଇନ ଶିକ୍ଷା ପ୍ରଫେସରଙ୍କୁ ମଧ୍ୟ ସଦସ୍ୟ ଭାବେ ସାମିଲ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟକୁ ଆଇନ ଆୟୋଗ ଆବଶ୍ୟକ ଥିଲା । ୨୦୧୮ ମସିହା ପରଠୁ ଏହା ଗଠନ କରିବାକୁ ରାଜ୍ୟ ସରକାର ଉଚିତ ମଣି ନ ଥିଲେ । ଏବେ ଏହି ଆୟୋଗ ରାଜ୍ୟର ବିଭିନ୍ନ ନୀତି ନିୟମର ତର୍ଜମା କରିବ । ଦରକାରୀ ନିୟମର ଆବଶ୍ୟକ ଥିବା ସଂଶୋଧନ କରାଯିବ। ଅନାବଶ୍ୟକ ଆଇନକୁ ଖୋଜି ବାହାର କରାଯିବ । ଏହାର ତର୍ଜମା କରି ରାଜ୍ୟ ସରାକରଙ୍କୁ ସୁପାରିସ କରିବେ ଆୟୋଗ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହା ଉପରେ ଉପଯୁକ୍ତ ନିଷ୍ପତ୍ତି ନେବେ । କେନ୍ଦ୍ର ତାଞ୍ଚାରେ ରାଜ୍ୟରେ ଏହା ଆବଶ୍ୟକ ଥିଲା । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଆୟୋଗ ଗଠିତ ହୋଇଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି । ନୂଆବର୍ଷଠାରୁ ତୋଷାଳି ପ୍ଲାଜାରେ ଏହି ଆୟୋଗ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି।

## ଜାନୁଆରୀ ୧୪ରୁ ୨୨ ତାରିଖ ବନ୍ଦ ରହିବ ଭିତରକନିକା




କେନ୍ଦ୍ରାପଡା, ୨୯/୧୨ ନ୍ୟୁଜ ବ୍ୟୁରୋ
ଜାନୁଆରୀ ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ। କୁମ୍ଭୀର ଗଣନା ପାଇଁ ୯ ଦିନ ଧରି ଭିତରକନିକା ବନ୍ଦ ରହୁଥିବାରୁ ଦେଶ ବିଦେଶର ପର୍ଯ୍ୟଟକମାନେ ଭିତରକନିକା ବୁଲି ନଆସିବା ପାଇଁ ରାଜନଗର ବନବିଭାଗ ସୂଚନା ଦେଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ପ୍ରଥମେ ବୋଟ ଚଳାଚଳ ବନ୍ଦ ରହିବା ପରେ ନଦୀର ଜଳ ସ୍ଥିର ରହିବା ପରେ କୁମ୍ଭୀର ଗଣନା ଅନୁଷ୍ଠିତ ହେବ । ଏହି ସମୟରେ ପର୍ଯ୍ୟଟକ ଭିତରକନିକା ବୁଲି ଆସିଲେ କୁମ୍ଭୀର ଗଣନାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ପର୍ଯ୍ୟଟକ ଆସିବା ଉପରେ ବାରଣ କରାଯାଇଛି। କୁମ୍ଭୀର ବିଶାରଦ ଡ଼ା ସୁଧାକର କରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କୁମ୍ଭୀର ଗଣନା କରିବେ। ଗତବର୍ଷ ଭିତରକନିକାରେ ୧୮୧୧ଟି କୁମ୍ଭୀର ଗଣନା କରାଯାଇଥିବା ବେଳେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇବା ନେଇ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି ।

## ପ୍ରତିଷ୍ଠା ଦିବସରେ ନନ୍ଦନକାନନ ପାଇଁ ଖୁସିଖବର, ଦ୍ୱିତୀୟ ଥର ମା' ହେଲା ସିମ୍ପାଞ୍ଜି 'ରାକ୍ଷୀ'

ବାରଙ୍ଗ ୨୯ ।୧୨ ନ୍ୟୁଜ ବ୍ୟୁରୋ
ପ୍ରତିଷ୍ଠା ଦିବସରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସିଖବର । ଦ୍ୱିତୀୟ ଥର ମା' ହେଲା ସିମ୍ପାଞ୍ଜି 'ରାକ୍ଷୀ' । ୬୦(କ) ଖୁଆଡରେ ରହୁଥିବା ସିମ୍ପାଞ୍ଜି 'ରାକ୍ଷୀ' ଶାବକ ଜନ୍ମ ଦେଇଛି । ଜନ୍ମିତ ଶାବକକୁ ମିଶାଇ ପ୍ରାଣୀ ଉଦ୍ୟାନରେ ସିମ୍ପାଞ୍ଜି ସଂଖ୍ୟା ୮ରେ ପହଞ୍ଚିଛି । ଶନିବାର ହିମାଳୟ ଭାଲୁ ଏକ ଶାବକ ଜନ୍ମ ଦେଇଥିଲା। ପ୍ରାଣୀ ଉଦ୍ୟାନର ୧୬(ଖ) ଖୁଆଡରେ ରହୁଥିବା ହିମାଳୟ ମାଈ ଭାଲୁ 'ମୁନି' ଶନିବାର ସକାଳୁ ଏକ ଶାବକ ଜନ୍ମ ଦେଇଥିଲା । ଜନ୍ତୁ ରକ୍ଷକ ସକାଳୁ ଖୁଆଡ଼ରେ 'ମୁନି' ଶାବକ ଜନ୍ମ ଦେଇଥିବା ଦେଖିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ପ୍ରାଣୀ ଚିକିତ୍ସକ ଆସି ଦେଖିବା ପରେ ମା' 'ମୁନି' ଓ ଶାବକ ସୁସ୍ଥଥିବା ସୂଚନା ଦେଇଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କସ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଯାତ୍ରୀଙ୍କ ଅସମ୍ଭବ ଭିଡ : ଟ୍ରାଫିକ୍ ଜାମ୍, ଫସି ରହିଲା ଆମ୍ବୁଲାନ୍ସ



ଭୁବନେଶ୍ୱର,୨୯/୧୨
ନ୍ୟୁଜ ବ୍ୟୁରୋ
ପର୍ଯ୍ୟଟନ ଋତୁ, ମହାକାର୍ତ୍ତିକ ମାସ ଓ ସ୍ୱତନ୍ତ୍ର ପର୍ବପର୍ବାଣୀ ଗୁଡ଼ିକରେ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ବିପୁଳ ସମାଗମ ହୋଇଥାଏ । ହେଲେ ଏବେ ଏଠାରେ ସକାଳରୁ ରାତି ସବୁ ବେଳେ ଲୋକ ହାଉଯାଉ । ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ବହୁ ସଂଖ୍ୟାରେ ଯାଆସ କରୁଛନ୍ତି । ଫଳରେ ପ୍ରତ୍ୟହ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ଠାରୁ ବିଦ୍ୟୁତ ଅଫିସ ପର୍ଯ୍ୟନ୍ତ ଅହେତୁକ ଜାମ ରହୁଛି । ରବିବାର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ସନ୍ଧ୍ୟା ବେଳେ ପ୍ରାୟ ୨ ଘଣ୍ଟା ଟ୍ରାଫିକ ଜାମ୍ ସ୍ଥିତି ଉପୁଜିଥିଲା । ଏହି ଭିଡ଼ ସମୟରେ ଜଣେ ଗୁରୁତର ରୋଗୀଙ୍କୁ ହସ୍ପିଟାଲ ନେଇ ଯାଉଥିବା ଆମ୍ବୁଲାନ୍ସ ପ୍ରାୟ ଗୋଟିଏ ଘଣ୍ଟା ଅଟକି ରହିଥିଲା । ଭିଡ଼ ଭିତରୁ ରୋଗୀଙ୍କ ସମ୍ପର୍କୀୟ ଜଣକ ଲୋକଙ୍କୁ ପାଖେଇ ଯିବା ଲାଗି ବହୁ କାକୁତିମିନତି ହୋଇଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ସ୍ୱେଚ୍ଛାକୃତ ଭାବେ ଭିଡ଼କୁ ହଟାଇ ଆମ୍ବୁଲାନ୍ସ ଯିବାର ବ୍ୟବସ୍ଥା କରାଇଥିଲେ ବୋଲି ଶ୍ରୀଲିଙ୍ଗରାଜ ମନ୍ଦିର ନୀତି ସୁପରଭାଇଜର ରାଜ କିଶୋର ମହାପାତ୍ର କହିଛନ୍ତି । ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି ଯେ, ମୁଁ ସନ୍ଧ୍ୟାବେଳେ କିଛି ନିର୍ଦ୍ଦିଷ୍ଟ କାମ ନିମନ୍ତେ ସାମନ୍ତରାପୁର ଯିବା ବେଳେ ଏହି ଭିଡରେ ଦେଡ ଘଣ୍ଟା ଅଟକି ରହିଥିଲି। ଏବେ ପର୍ଯ୍ୟଟନ ଋତୁରେ ଏଠାରେ ଟ୍ରାଫିକ ପୋଲିସ ମୁତୟନ କରାଯିବା ନିତାନ୍ତ ଆବଶ୍ୟକ । ନଚେତ ପ୍ରତିଦିନ ଏମିତି ଘଟଣା ଶୁଣିବାକୁ ମିଳିବ । ଟ୍ରାଫିକ ବିଭାଗ ଏମିତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକୁ ଆଦୌ ଅଣଦେଖା କରିବା କଥା ନୁହଁ । କିଛି ସ୍ଥାନୀୟ ଲୋକ କହିଛନ୍ତି ଯେ, ଅନନ୍ତ ବାସୁଦେବ ମନ୍ଦିର ରାସ୍ତାରେ ମଧ ଅବଢ଼ା ବିକ୍ରିବଟା ସମୟରେ ୪ ଚକିଆ ଯାନ ଯାଆସ ଉପରେ କଟକଣା ଲାଗୁ କରାଯିବା ଆବଶ୍ୟକ। କାରଣ ଏହି ସ୍ଥାନ ମଧ୍ୟ ସେହି ୩ ଘଣ୍ଟା ଖୁବ୍ ଜାମ ରହୁଛି । ବରାଦି ଅବଢ଼ା ନେବା ଲାଗି ଲୋକେ ନର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଗାଡ଼ି ରଖି ନେଇ ପାରନ୍ତେ । କିନ୍ତୁ ସବୁ ସ୍ଥାନକୁ ଗାଡ଼ି ଆଣି ରଖିବା କାରଣରୁ ରାସ୍ତା ଜାମ ହେଉଛି । ତେଣୁ ଏ ସବୁକୁ ନିୟନ୍ତ୍ରଣ ଓ ଅନୁଧ୍ୟାନ ଲାଗି ମଧ୍ୟ ଟ୍ରାଫିକ ପୋଲିସ ଆବଶ୍ୟକ । ସୋମବାର ଠାରୁ ସମସ୍ୟା ଆଉ ରହିବ ନାହିଁ ବୋଲି ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି । ପୁରୁଣା ଭୁବନେଶ୍ୱର ଗଙ୍ଗାଯମୁନା କଲୋନିବାସୀଙ୍କ କଷ୍ଟ ସରିବାର ନାହିଁ। କଲୋନିବାସୀ ଗଙ୍ଗାଯମୁନା ମନ୍ଦିରଠାରୁ ବାହାରକୁ ଯିବାର ସମସ୍ତ ରାସ୍ତା ବନ୍ଦ । ଗତ ୨୫ ତାରିଖଠାରୁ ଏହି ଅବ୍ୟବସ୍ଥା ଲାଗି ରହିଛି । ସବୁଠାରୁ ଅଧିକ ହଇରାଣ ହେଉଛନ୍ତି ରୋଗୀ, ରୋଗୀଙ୍କ ସମ୍ପର୍କୀୟ, ବରିଷ୍ଠ ନାଗରିକ । ଶିବରାତ୍ରି, ରୁକୁଣା ରଥ ଯାତ୍ରା ସମୟରେ ଅନ୍ତତଃପକ୍ଷେ ଚାଲି ଚାଲି ଯିବାକୁ ରାସ୍ତା ମିଳେ । ଏବେ କିନ୍ତୁ ଚାଲିବା ବି ଅସମ୍ଭବ । ଶ୍ରୀଲିଙ୍ଗରାଜ ଥାନା ପୁଲିସ୍‌କୁ ଫୋନ୍ କଲେ କେହି ଶୁଣୁନାହାନ୍ତି । ଶନିବାର କିଛି ସ୍ଥାନୀୟ ଲୋକ ୧୧୨କୁ କଲ୍ କରିଥିଲେ । ସନ୍ଧ୍ୟାରେ ୧୧୨ ଭ୍ୟାନ୍ ଆସି ନୂଆ ଲିଙ୍ଗରାଜ ମାର୍କେଟ ସାମ୍ନାରେ ଠିଆ ହୋଇ ରହିଲା । ହେଲେ କେହି ପୁଲିସ୍ କର୍ମଚାରୀ ଭିଡ଼ ନିୟନ୍ତ୍ରଣ କଲେ ନାହିଁ। ଶନିବାର ଦିନସାରା ଏବଂ ସନ୍ଧ୍ୟାରେ ଏଭଳି ପରିସ୍ଥିତି ହେଲା ଯେ ଲିଙ୍ଗରାଜ ମାର୍କେଟ ଦେଇ ଯାଇଥିବା ଏହି ରାସ୍ତାରେ କେହି ଚାଲିକି ଯିବା ସମ୍ଭବ ହୋଇନଥିଲା । ଗଙ୍ଗାଯମୁନା କଲୋନି ଭିତରକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରିଲା ନାହିଁ । ସ୍ଥାନୀୟ କିଛି ଯୁବକ ଠିଆ ହୋଇ ଭିଡ଼ ନିୟନ୍ତ୍ରଣ କରିବା ପରେ ରାସ୍ତାରେ ଯାନବାହନ ଗୁଡ଼ିକ ଟିକିଏ ହଲଚଲ ହେଲା । ନୂଆ ଲିଙ୍ଗରାଜ ମାର୍କେଟ ଭିତରେ ବସ୍‌ଗୁଡ଼ିକ ରହି ଯାତ୍ରୀମାନେ ପୂରା ମାର୍କେଟକୁ କବ୍‌ଜାକୁ ନେଇଯାଉଛନ୍ତି । ଗଙ୍ଗାଯମୁନା କଲୋନିବାସୀ ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମାର୍କେଟ ଭିତରକୁ ଯାଇପାରୁ ନାହାନ୍ତି। ପୁଣି ଗଙ୍ଗାଯମୁନା ରାସ୍ତାରେ ଥିବା ହୋଟେଲ ଯୋଗୁ ଉକ୍ତ ରାସ୍ତାରେ ଯିବାଆସିବା ସମ୍ଭବପର ହେଉନାହିଁ । ଏହି ଅବ୍ୟବସ୍ଥାକୁ ସୁଧାରିବା ଦିଗରେ ବିଏମ୍‌ସିର ଜୋନାଲ କମିଶନର କିମ୍ବା ଟ୍ରାଫିକ୍ ପୁଲିସ୍ ଧ୍ୟାନ ଦେବାକୁ ଲୋକେ ଦାବି କରିଛନ୍ତି ।

## କ୍ରିକେଟ ଖେଳରୁ ତୁମୁଳକାଣ୍ଡ : ରାସ୍ତା ଅବରୋଧ, ଟ୍ରାଫିକ୍ ଜାମ୍

ଭୁବନେଶ୍ୱର, ୨୯।୧୨
ନ୍ୟୁଜ ବ୍ୟୁରୋ
ଲକ୍ଷ୍ମୀସାଗର ହାଇସ୍କୁଲ ପଡ଼ିଆରେ କ୍ରିକେଟ୍ ଖେଳ ବନ୍ଦକୁ ନେଇ ଗଣ୍ଡଗୋଳ ହୋଇଛି। କଟକ ରୋଡ୍ ଉପରେ ବସି ବିରୋଧ କରିବାରୁ ଦୁଇ ପାର୍ଶ୍ୱରେ ଗାଡ଼ି ଜାମ୍ ଲାଗିରହିଥିଲା । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। କ୍ରିକେଟ୍ ଆୟୋଜକଙ୍କ ସହ ଖେଳାଳି ରାସ୍ତା ଉପରେ ବସି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡ଼ି ଅଟକି ରହିଛି ।

